


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୪ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 FEBRUARY 2023

Vol.No. 34 ■ No. 43 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତରେ ଆସିପାରେ ବଡ଼ ଭୂମିକମ୍ପ



ନୂଆଦିଲ୍ଲୀ,୧୩/୦୨ : ତୁର୍କୀ ଏବଂ ସିରିଆରେ ହୋଇଥିବା ଭୂକମ୍ପକୁ ନେଇ ଏକ ଭୟର ବାତାବାରଣ ରହିଛି । ଏହାରି ଭିତରେ ସିକିମରେ ୪.୩ ଏବଂ ଆସାମରେ ୪ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଛି । ଯଦିଓ ସେଭଳି କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ନାହିଁ କିନ୍ତୁ ତୁର୍କୀରେ ଭୂକମ୍ପ ହେବ ବୋଲି ଯିଏ ପୂର୍ବାନୁମାନ କରିଥିଲେ । ସେ ଏବେ ଭାରତକୁ ନେଇ ଆକଳନ କରିଛନ୍ତି । ସେହିପରି ଆଇଆଇଟି କାନପୁରର ଦାବି ଚିନ୍ତା ବଢାଇଛି । ୭.୫ ତୀବ୍ରତାରେ ତୁର୍କୀ ଏବଂ ସିରିଆରେ ହୋଇଥିବା ଭୂକମ୍ପର ଚିତ୍ର । ଦୁଇ ଦେଶର ମୃତ୍ୟ ସଂଖ୍ୟା ୩୪ ହଜାର ଟପିଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭଗ୍ନାବଶେଷ ତଳେ କେତେ ଯେ ଜୀବନ ଆହୁରି ଚାପି ହୋଇ ରହିଛି ତାହା ଅସ୍ପଷ୍ଟ ଥିବା ବେଳେ ଆଉ କେଉଁ ଦେଶରେ ଏଭଳି ଶକ୍ତିଶାଳୀ ଭୂକମ୍ପ ହୋଇପାରେ ସେ ନେଇ ଚର୍ଚ୍ଚା ବଢିଛି । ତୁର୍କୀରେ ଭୂକମ୍ପ ହେବ ବୋଲି ତିନି ଦିନ ପୂର୍ବରୁ ଅର୍ଥାତ୍ ଫେବୃଆରୀ ୩ରେ ଆକଳନ କରିଥିଲେ ନେଦରଲାଣ୍ଡର ଫ୍ରାଙ୍କ ହୋଗେରବିଟସ । ଏବେ ସେହି ସମାନ ବ୍ୟକ୍ତି ଆଉ ଏକ ଆକଳନ କରିଛନ୍ତି । ଯାହା ଭାରତ ସମେତ ଅନେକ ଦେଶର ଚିନ୍ତା ବଢାଇଛି । ଫ୍ରାଙ୍କ ନେଦରଲାଣ୍ଡର ସୋଲାର ସିଷ୍ଟମ ଜ୍ୟୋମେଟ୍ରି ସର୍ଭେ (ଏସଏସଜିଆଇଏସ) ପାଇଁ କାମ କରନ୍ତି । ଏହି ସଂସ୍ଥା ଭୂକମ୍ପ ଗିତିବିଧି ସମ୍ବନ୍ଧରେ ଆକଳନ କରେ । ରିପୋର୍ଟ ମୁତାବିକ ଫ୍ରାଙ୍କ୍ ଏସିଆରେ ହେବାକୁ ଥିବା ଭୂକମ୍ପ ଉପରେ ଆକଳନ କରିଥିଲେ । ସେ କହିଥିଲେ, ଆଫଗାନିସ୍ତାନରେ ଗୋଟିଏ ବଡ ଭୂକମ୍ପ ଆସିବ । ଏହି ଭୂକମ୍ପର ପ୍ରଭାବ ପାକିସ୍ତାନ ସମେତ ଗୁଜରାଟର କଚ୍ଛ ଦେଇ ହିନ୍ଦ ମହାସାଗରରେ ଶେଷ ହେବ । ଏହି ଭୂବିଜ୍ଞାନୀ ଟ୍ୱିଟରରେ ଏ ନେଇ ଏକ ଭିଡିଓ ଜାରି କରିଛନ୍ତି । ଯେଉଁଥିରେ ସେ ଏସିଆ ମହାଦେଶର ଭୂକମ୍ପ ବାବଦରେ ଏବଂ ତୁର୍କୀ ଭୂକମ୍ପ ବାବଦରେ ଆକଳନ କରିଥିବା ନେଇ କହୁଛନ୍ତି । ତେବେ ଏହି ଭୂକମ୍ପକୁ କେବଳ ଆକଳନ କରାଯାଇଛି ଓ ଏହା ହେବ କି ନହେବ ତାହା ସ୍ପଷ୍ଟ ନୁହଁ । ସେପଟେ ଭାରତ ପାଇଁ ଭୂକମ୍ପ ଆର୍ଲଟ ଜାରି ହୋଇଛି । ଆଇଆଇଟି କାନପୁରର ପ୍ରଫେସର ଜାବେଦ ମଲ୍ଲିକ ଦାବି କରିଛନ୍ତି କମ୍ ଦିନ ଭିତରେ ଭାରତରେ ମଧ ଦେଖାଯାଇପାରେ ଭୟଙ୍କର ଭୂମିକମ୍ପ । ଯଦି ଆଇଆଇଟି କାନପୁର ପ୍ରଫେସରଙ୍କ କଥା ସତ ହୁଏ ତେବେ ଏହି ଭୂମିକମ୍ପର ତ୍ରୀବତା ରେକ୍ଟର ସ୍କେଲରେ ପାଖାପାଖି ୭.୫ ରହିବା ନେଇ ଆକଳନ କରାଯାଇଛି । ଏକଥା ମଧ ଦାବି କରାଯାଇଛି ଯଦି ଭୂମିକମ୍ପ ହୁଏ ତେବେ ହିମାଳୟ, ଆଣ୍ଡାମାନ ନିକୋବର କିମ୍ୱା କଚ୍ଛରେ ଭୂକମ୍ପର କେନ୍ଦ୍ରସ୍ଥଳ ହୋଇପାରେ । ଭାରତର କେତେକ ଅଂଚଳରେ ୭.୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇପାରେ । ଭାରତରେ ଭୂମିକମ୍ପର ୫ଟି ଜୋନ ରହିଛି । ସବୁଠୁ ଅଧିକ ବିପଦପୂର୍ଣ୍ଣ ହେଉଛି ଜୋନ-୫ । ଏହି ଅଂଚଳରେ ରହିଛି କଚ୍ଛ, ଆଣ୍ଡାମାନ, ହିମାଳୟ, ଉତ୍ତରାଖଣ୍ଡ ଏବଂ ପୂର୍ବତର ରାଜ୍ୟ । ୨୦୦୪ରେ ଗୁଜରାଟରେ ଅନୁଭୂତ ଭୂମିକମ୍ପର ତୀବ୍ରତା ୯.୧ ଥିଲା । ଯାହା ପ୍ରଳୟ ଆଣିଥିଲା ।

## କଂଗ୍ରେସ ଭବନରେ ବିଜୟ ପଟ୍ଟନାୟକଙ୍କ ସାମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର, ୧୩/୦୨ (ନି.ପ୍ର): ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେବା ପରେ ଆଜି ଭୁବନେଶ୍ୱର ବିମାନ ବନ୍ଦର ଠାରେ ପହଂଚିବା ପରେ କଂଗ୍ରେସ କର୍ମୀ ମାନଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । କଂଗ୍ରେସ ଭବନରେ ଶ୍ରୀ ପଟ୍ଟନାୟକଙ୍କୁ ପି.ସି.ସି. ସଭାପତି ଶରତ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଏବଂ କର୍ମିମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏଠାରେ ଗଣମାଧ୍ୟମକୁ ଶ୍ରୀ ଶରତ ପଟ୍ଟନାୟକ କହିଥିଲେ ଯେ, ବିଜୟ ପଟ୍ଟନାୟକ ଏ ରାଜ୍ୟରେ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବରେ ସାଧୁତା, ନିଷ୍ଠାର ସହ ୪୦ ବର୍ଷ କାର୍ଯ୍ୟ କରିଛନ୍ତି । ତମାମ ପ୍ରଶାସନିକ ସେବାରେ ସେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଶାସନ କ୍ଷେତ୍ରରେ ଅପାରଗତା ଓ ନିଷ୍କ୍ରିୟତାକୁ ତୀବ୍ର ବିରୋଧ କରିଆସିଛନ୍ତି । ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବା ବି.ଜେ.ଡ଼ି ଓ ବି.ଜେ.ପି ଦଳରେ ଯୋଗ ଦେବାକୁ ସେ ପସନ୍ଦ କଲେ ନାହିଁ । କଂଗ୍ରେସ ଦଳର ନୀତି, ଆଦର୍ଶ ଓ ଦେଶ ପ୍ରତି ତ୍ୟାଗ ଓ ତିତୀକ୍ଷା ଏବଂ ବିଶେଷ କରି ଗାନ୍ଧୀବାଦ ଉପରେ ପ୍ରଗାଢ଼ ବିଶ୍ୱାସ ରଖି ସେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ତାଙ୍କର କାର୍ଯ୍ୟଦକ୍ଷତା, ବିଶାଳ ଅନୁଭବ ଏବଂ ସହଯୋଗକୁ କଂଗ୍ରେସ ଦଳ ଆଗାମୀ କାର୍ଯ୍ୟକ୍ରମରେ ସଠିକ୍ ବିନିଯୋଗ କରିବ । ଏଠାରେ ଗଣମାଧ୍ୟମକୁ ଶ୍ରୀ ବିଜୟ ପଟ୍ଟନାୟକ ସମ୍ବୋଧିତ କରି କହିଥିଲେ ଯେ, ସେ ଶେଷ ଜୀବନ ପର୍ଯ୍ୟନ୍ତ କଂଗ୍ରେସ ଦଳରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଛନ୍ତି । ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ଦେଶରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପରିବର୍ତନ ପାଇଁ ଯେଉଁବାର୍ତା ଦେଇଛନ୍ତି ସେଥିରେ ଦେଶବାସୀ ପ୍ରଭାବିତ ହୋଇଛନ୍ତି । ନିଜର ଅତୀତକୁ ମନେପକାଇ ସେ କହିଛନ୍ତି ଯେ, ଗତ ୧୦ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବ ଶୂନ୍ୟ ହୋଇପଡ଼ିଛନ୍ତି । ତୃତୀୟ ମହଲା ଏବେ କିଛି ସ୍ୱାର୍ଥନେସୀ ବ୍ୟକ୍ତିଙ୍କ କବ୍ଜାରେ । ଜନତାର ସ୍ୱର ତୃତୀୟ ମହଲାରେ ପହଂଚିପାରୁ ନାହିଁ । ବ୍ଲକ ଠାରୁ ସଚିବାଳୟ ▶▶ପୃଷ୍ଠା ୭

## ଜେଲ ଗଲେ ଗୋପାଳ, ଏବେ ବି ରହସ୍ୟରେ ନବ ଦାସଙ୍କ ହତ୍ୟା ଗୁମର

ଭୁବନେଶ୍ୱର,୧୩/୦୨ (ନି.ପ୍ର): ତୃତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଶେଷ ହେବା ପରେ ଜେଲ ଯାଇଛି ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ଗୋପାଳ ଦାସ । ଆଉ ଏବେ ଗୋପାଳର ନୂଆ ଠିକଣା ପାଲଟି ଯାଇଛି ଝାରସୁଗୁଡାର ଉପକାରାଗର । ଯିଏ ଦିନେ ବିଭିନ୍ନ ଅପରାଧରେ ଜଡିତ ଅଭିଯୁକ୍ତଙ୍କୁ ଧରି ଜେଲ ପଠାଉଥିଲା, ଆଜି ସେ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରିବା ଅଭିଯୋଗରେ ଜେଲ ଯାଇଛି । ୫ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ, ଗୋପାଳକୁ କୋର୍ଟରେ ହାଜର କରାଯାଇଥିଲା । କଡା ସୁରକ୍ଷା ଭିତରେ କୋର୍ଟରେ ହାଜର କରାଯାଇଥିଲା ଅଭିଯୁକ୍ତ ଗୋପାଳକୁ । ତଦନ୍ତକାରୀ ସଂସ୍ଥା ଗୋପାଳକୁ ଆଉ ରିମାଣ୍ଡରେ ନେବାକୁ ଆବେଦନ ନକରିବାରୁ ତାକୁ ଜେଲକୁ ପଠାଇ ଦେଇଛନ୍ତି କୋର୍ଟ । ଜେଲ ପଠାଇବା ପରେ ପୁଣି ଥରେ ଗୋପାଳଙ୍କୁ କୋର୍ଟରେ ହାଜର କରିଥିଲା କ୍ରାଇମବ୍ରାଞ୍ଚ । ଆଉ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତର ସିଆରପିସି ଧାରା ୧୬୪ରେ ବୟାନ ରେକର୍ଡ କରାଯାଇଛି । ସେହି ସମୟର ଦୃଶ୍ୟକୁ ଭିଡିଓଗ୍ରାଫି କରାଯାଇଛି । ପରବର୍ତ୍ତୀ ସମୟରେ ଏହା ତଦନ୍ତକାରୀ ସଂସ୍ଥା ପାଇଁ ପ୍ରମାଣ ହେବ ।

## ୧୫ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର,୧୩/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ୧୫ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ବୈଠକରେ ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ୬୦୨୫ ଏଲଟିଆର (ଲିଭ୍, ଟ୍ରେନିଂ, ରିଜର୍ଭ) ଶିକ୍ଷକ ପଦବୀ ସୃଷ୍ଟିକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଛୁଟି , ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷକ ଅନୁପସ୍ଥିତିକୁ ଭରଣା ନିମନ୍ତେ ମୋଟ ପଦବୀ ସଂଖ୍ୟା ୪୦୧୬୬ର ୧୫ % ହିସାବରେ ୬୦୨୫ ଗୋଟି ପଦବୀ ସୃଷ୍ଟି କରାଯିବ । କ୍ୟାବିନେଟ୍ ବୈଠକରେ ଓଡିଶା ଆଦର୍ଶ ବିଦ୍ୟାଳୟର ୨୩୭ଟି ୧୦୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସ ନିର୍ମାଣ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ଏହି ହଷ୍ଟେଲ ୩ ମହଲା ବିଶିଷ୍ଟ ହେବ ଏବଂ ୧୦୦୦.୧୪ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରତ୍ୟେକ ଛାତ୍ରାବାସ ପାଇଁ ୪.୨୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୧ ବର୍ଷ ମଧ୍ୟରେ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜେଲରେ ବନ୍ଦୀଙ୍କର ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ଦିଆଯିବା ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି । ପୂର୍ବରୁ ଓଡିଶାର କାରାଗାରାରେ ବନ୍ଦୀଙ୍କର ମୃତ୍ୟୁ ହେଲେ କୌଣସି କ୍ଷତିପୂରଣ ଦିଆଯାଉନଥିଲା । ଜାତୀୟ ମାନବାଧିକାର ଆୟୋଗ କିମ୍ୱା ରାଜ୍ୟ ମାନବାଧିକାର ଆୟୋଗଙ୍କ ସୁପାରିଶରେ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ଥିଲା । ଭୁବନେଶ୍ୱରରେ ଜଳଯୋଗାଣ ପାଇଁ ମୁଣ୍ଡଳୀ ଠାରେ ପ୍ରତିଷ୍ଠା ହେବ ଟ୍ରିଟମେଂଟ ପ୍ଲାଂଟ । ୧୩୦ ଏମ୍ଏଲ୍ଡି କ୍ଷମତା ସମ୍ପନ୍ନ ୱାଟର ଟ୍ରିଟ୍ମେଂଟ ପ୍ଲାଂଟ ପାଇଁ ୨୮୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଆସନ୍ତା ମାର୍ଚ୍ଚ ପହିଲାରୁ ଏହାର ନିର୍ମାଣ ଆରମ୍ଭ ହେବ । ଆସନ୍ତା ୨ ବର୍ଷ ମଧରେ ଏହି କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ବ୍ୟତୀତ ଡ୍ରିମସ୍ ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଧେୟକକୁ ଅନୁମୋଦନ ମିଳିଛି । ରାଜ୍ୟ ସରକାର ବିମାନ ଇନ୍ଧନରେ ଭାଟ୍ କୁ ୧%କୁ ହ୍ରାସ କରିଛନ୍ତି । ସରକାରୀ କର୍ମଚାରୀ କିମ୍ୱା ପେନସନଭୋଗୀ ମୃତ୍ୟୁବରଣ କଲେ ତାଙ୍କର ଟ୍ରାନ୍ସଜେଣ୍ଡର ସନ୍ତାନଙ୍କୁ ପରିବାର ପେନସନ ରେ ଅନ୍ତର୍ଭୁକ୍ତ ▶▶ପୃଷ୍ଠା ୭

## କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କେନ୍ଦୁଝର ଗସ୍ତ କରି ସେଠାରେ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଲୋକାର୍ପଣ କରିଛନ୍ତି । ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଆନନ୍ଦ ଉଲ୍ଲାସ ମଧରେ ମୁଖ୍ୟମନ୍ତ୍ରୀ ଏହା ଉଦ୍‌ଘାଟନ କରି ଯେତେବେଳେ ପଚାରିଲେ 'ଆପଣମାନେ ଖୁସି ତ?' ସେତେବେଳେ ବହୁଗୁଣିତ ଉତ୍ସାହର ସହ ପ୍ରତିଧ୍ୱନିତ ହୋଇଥିଲା 'ହଁ' । ତା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ବି ବହୁତ ଖୁସି । ଏହାପରେ ଧରଣୀଧର କଲେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ସ୍ୱୟଂ ଏହି ମାନ୍ୟତା ପତ୍ର ପିଲାମାନଙ୍କୁ ଦେବାକୁ ଚାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିଥିଲେ । ଆନନ୍ଦ, ଉଲ୍ଲାସ ମଧରେ ଛାତ୍ରଛତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଶ୍ୱବିଦ୍ୟାଳୟ ମାନ୍ୟତାର ନିର୍ଦ୍ଦେଶନାମା ଦେଖାଇଥିଲେ । କେନ୍ଦୁଝରରେ ମେଡିକାଲ କଲେଜ ସହ ଏକ କ୍ୟାନସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ ପାଇଁ ଭିତିଭୂମି ଦିଆଯାଇଛି ଏବଂ ଏହା ଖୁବଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଦ୍ୱାରା ଡାକ୍ତର ଅଭାବ ଦୂର ହେବା ସହିତ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ ଏବଂ ଜିଲ୍ଲାବାସୀ ଆଉ କଟକ-ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡିବ ନାହିଁ ବୋଲି ସେ କହିଥିଲେ ।

## ବାଣୀବିହାରରେ ଜେଏନୟୁ ପ୍ରଫେସରଙ୍କୁ ଆକ୍ରମଣ ଘଟଣାରେ ରାଜନୀତି ସରଗରମ

ଭୁବନେଶ୍ୱର,୧୩/୦୨ (ନି.ପ୍ର): ବାଣୀବିହାରରେ ସେମିନାର ଚାଲିଥିବାବେଳେ ଖଣ୍ଡଯୁଦ୍ଧକୁ ନେଇ ସରଗରମ ହୋଇଛି ଛାତ୍ର ରାଜନୀତି । ହିଂସାକାଣ୍ଡକୁ ନେଇ ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ଏଆଇଏସଏଫ ପକ୍ଷରୁ ନିନ୍ଦା କରାଯିବା ବଢ଼ିବାରେ ଲାଗିଛି ଉତ୍ତେଜନା । ଉତ୍କଳ ବିଶ୍ୱବିଦ୍ୟାଳୟରେ ସିଟିଜେନ ଫୋରମ ପକ୍ଷରୁ ଆୟୋଜିତ ସେମିନାରରେ ଜେଏନୟୁ ପ୍ରଫେସରଙ୍କ ଲେକଚରକୁ ଏବିଭିପି ସଦସ୍ୟ ବିରୋଧ କରିବା ପରେ ପୁଣି ଥରେ ବାଣୀବିହାରରେ ଉତ୍ତେଜନା ଦେଖିବାକୁ ମିଳିଛି । ଅତିଥିଙ୍କୁ ଆକ୍ରମଣ କରାଯିବାକୁ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ବିଜେଡି ଓ ଏଆଇଏସଏଫ ଛାତ୍ର ସଂଗଠନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆଉ ତା ପରେ ପାଲଟା ଚେତାବନୀ ଦେଇଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ । ଯାହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ରାଜ୍ୟର ଛାମୁଆ ▶▶ପୃଷ୍ଠା ୭

## ଜଷ୍ଟିସ ନାଜିର ଆନ୍ଧ୍ର ରାଜ୍ୟପାଳ ଭାବେ ନିଯୁକ୍ତ



ନୂଆଦିଲ୍ଲୀ,୧୩/୦୨ : ଅଯୋଧ୍ୟା ରାମ ମନ୍ଦିର, ଟ୍ରିପଲ ତଲାକ, ନୋଟ ବନ୍ଦୀ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାରପତି ଥିଲେ ଜଷ୍ଟିସ ଅବଦୁଲ ଏସ ନାଜିର । ନିକଟରେ ସେ ଅବସର ଗ୍ରହଣ କରିଥିଲେ । ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଆନ୍ଧ୍ର ପ୍ରଦେଶର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଛନ୍ତି । ଏହାକୁ ନେଇ ବିବାଦ ବଢିବାରେ ଲାଗିଛି । ମୁଖ୍ୟତଃ ଏହି ତିନି ପ୍ରସଙ୍ଗକୁ ନେଇ କଂଗ୍ରେସ ମୋଦୀ ସରକାରଙ୍କୁ ସମାଲୋଚନା କରିଆସୁଥିଲା । କିନ୍ତୁ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାହା ବିରୋଧୀଙ୍କ ମୁହଁ ବନ୍ଦ କରିଦେଇଛି । ଆଉ ଯେଉଁ ବିଚାରପତି ଏହି ମାମଲା ସହ ଜଡିତଥିଲେ ସେ ଏବେ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି । କଂଗ୍ରେସ ଏହି ନିଯୁକ୍ତିଙ୍କୁ ନେଇ ସନ୍ଦେହ ପ୍ରକାଶ କରିବା ନ୍ୟାୟପାଳିକା ସ୍ୱାଧୀନତା ବିପଦରେ ଥିବା ଅଭିଯୋଗ ଆଣିଛି କଂଗ୍ରେସ । କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ସ୍ୱର୍ଗତ ବିଜେପି ନେତା ତଥା ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ଜେଟଲିଙ୍କ ଏକ ଭିଡିଓ ଟୁଇଟ କରି ବିଜେପିକୁ ଟାର୍ଗେଟ କରିଛନ୍ତି । ଯେଉଁ ଭିଡିଓରେ ଜେଟଲି କହୁଛନ୍ତି, ଅବସର ପୂର୍ବରୁ ବିଚାରପତି ଦେଇଥିବା ରାୟ ଅବସର ପରେ ମିଳୁଥିବା ନିଯୁକ୍ତିକୁ ପ୍ରଭାବିତ କରିଥାଏ । ଅରୁଣ ଜେଟଲୀଙ୍କ ଏହି ଭିଡିଓ ୨୦୧୨ ମସିହାର । ଯେଉଁ ସମୟରେ କେନ୍ଦ୍ରରେ ବିରୋଧୀ ଆସନରେ ଥିଲା ବିଜେପି । ଆଉ କ୍ଷମତାର ଥିଲା କଂଗ୍ରେସ । କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ରାଜ୍ୟପାଳ ନିଯୁକ୍ତି ନେଇ ପ୍ରଶ୍ନ ଉଠାଇବା ପରେ ଜବାବ ରଖିଛନ୍ତି ଆଇନ ମନ୍ତ୍ରୀ କିରଣ ରିଜିଜୁ । ସେ କହିଛନ୍ତି, ବିରୋଧ କରୁଥିବା ବ୍ୟକ୍ତି ବୁଝିବା ଦରକାର ଯେ ଭାରତ ଏବେ କେଉଁ ପରିବାର ନିୟନ୍ତ୍ରଣରେ ନାହିଁ । ସମ୍ବିଧାନର ନିୟମ ଅନୁଯାୟୀ ରାଜ୍ୟପାଳ ନିଯୁକ୍ତ କରାଯାଇଛି । ଜଷ୍ଟିସ୍ ଅବଦୁଲ ଏସ ନାଜିର ବାବ୍ରୀ ମସଜିଦ ମାମଲାର ଶୁଣାଣି ପାଇଁ ଗଠିତ ଖଣ୍ଡପୀଠରେ ଥିଲେ ଏକମାତ୍ର ମୁସଲିମ ବିଚାରପତି । କେବଳ ଜଷ୍ଟିସ୍ ନାଜିର ନୁହେଁ ଏହା ପୂର୍ବରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଥିବା ଜଷ୍ଟିସ୍ ରଞ୍ଜନ ଗୋଗେଇଙ୍କୁ ଅବସର ପରେ ରାଜ୍ୟସଭା ପଠାଯାଇଥିବାର ନଜିର ରହିଛି ।

## ଧାନ କିଣା ଓ ଚାଉଳ କାଟ୍‌କୁ ନେଇ ଆଜିଠୁ ବିଜେଡିର ରାଜ୍ୟବ୍ୟାପି ପ୍ରତିବାଦ



ଭୁବନେଶ୍ୱର,୧୩/୦୨ (ନି.ପ୍ର): କେନ୍ଦ୍ର ବଜେଟ୍ ରେ ଧାନ କିଣା ପାଣ୍ଠି ହ୍ରାସ ଓ ଉଷୁନା ଚାଉଳ ଉଠାଣ ପରିମାଣ କମାଇବା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ପ୍ରତିବାଦକୁ ଓହ୍ଲାଇବ ବିଜେଡି । ପୂର୍ବତନ ମନ୍ତ୍ରୀ, ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଆସନ୍ତାକାଲି (ମଙ୍ଗଳବାର) ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ଏବଂ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବେ । ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନହୁଏ ତେବେ ବିଜେଡି ଓଡିଶାର କୃଷକଙ୍କୁ ଅବହେଳା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ । ସେହିପରି ୧୫ ଫେବୃଆରୀରେ ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ବିଜୁ ଜନତା ଦଳ ପ୍ରତ୍ୟେକ ଗ୍ରାମ ପଂଚାୟତ ହେଡକ୍ୱାର୍ଟରରେ ସାମୂହିକ ଅଂଶଗ୍ରହଣ ପାଇଁ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜନ କରିବେ । ୧୬ ଫେବୃଆରୀରେ, ବିଜୁ ଜନତା ଦଳ ଓଡିଶାର ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଓଡିଶାର ପ୍ରତ୍ୟେକ ବ୍ଲକ ସମ୍ମୁଖରେ ପ୍ରଦର୍ଶନ ଏବଂ ଆନ୍ଦୋଳନ କରିବେ ଏବଂ ପିଏମ୍‌ଜିକେଏୱାଇ କେନ୍ଦ୍ର ଦ୍ୱାରା ପୁନଃ ଆରମ୍ଭ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ସେ କହିଛନ୍ତି ଯେ କେନ୍ଦ୍ର ସରକାର ତାଙ୍କର ସଦ୍ୟ ବଜେଟ୍ ରେ କ୍ରୟ ପାଣ୍ଠିରେ ୨୦,୦୦୦ କୋଟି ଟଙ୍କା ହ୍ରାସ କରିବା ଏବଂ ଓଡିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇଦେବା ଫଳରେ ଓଡିଶାର ଲକ୍ଷ ଲକ୍ଷ ଚାଷୀଙ୍କ ଧାନ ବିକ୍ରି ବିଶେଷ କରି ପଶ୍ଚିମ ଓଡିଶାର ଚାଷୀମାନେ ଏହା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହେବେ । ପୂର୍ବରୁ ଓଡିଶାରୁ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠୁଥିବାବେଳେ ବର୍ତମାନ ତାହାକୁ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଛି ।

## ଖସି ଚାଲିଛି ଆଦାନୀ ଗ୍ରୁପର ସେୟାର ମୂଲ୍ୟ



ନୂଆଦିଲ୍ଲୀ,୧୩/୦୨ : ହିଣ୍ଡେନବର୍ଗ ରିପୋର୍ଟ ପରେ ବଜାରରେ ଦେଖାଦେଇଥିବା ସଙ୍କଟକୁ ଟାଳିବା ପାଇଁ ଫୁଲ ଦମରେ ଆଦାନି ଗ୍ରୁପ । ଗତ ସପ୍ତାହରେ ଆଦାନି ଗ୍ରୁପର ସେୟାର ଘାଟାରେ ପଡିଥିବା ବେଳେ ଚଳିତ ସପ୍ତାହର ପ୍ରଥମ ଦିନରେ ମଧ ଆଦାନି ଗ୍ରୁପକୁ ନିରୁତ୍ସାହିତ ହେବାକୁ ପଡିଛି । ଆଦାନି ଏଟଂରପ୍ରାଇଜେସ ଲିମିଟେଡ ୭ ପ୍ରତିଶତ, ଆଦାନି ପୋର୍ଟ ଆଣ୍ଡ ସ୍ପେଶାଲ ଇକୋନମିକ ଜୋନ୍ ୫.୫ ପ୍ରତିଶତ, ଆଦାନି ଟୋଟାଲ ଗ୍ୟାସ ୫ ପ୍ରତିଶତ, ଆଦାନି ଗ୍ରୀନ ଏନର୍ଜି ୫ ପ୍ରତିଶତ ଖସିଛି । ତେବେ ଏହାପୂର୍ବରୁ ଆଦାନି ଗ୍ରୁପ ନିଜର ରେଭିନ୍ୟୁ ଟାର୍ଗେଟ ୧୫ ପ୍ରତିଶତରୁ ୨୦ ପ୍ରତିଶତ କରିଛି । ଯାହାକି ପୂର୍ବରୁ ୪୦ ପ୍ରତିଶତ ଥିଲା । ମୋଟାମୋଟି ଭାବେ କହିବାକୁ ଗଲେ ଆସନ୍ତା ଆର୍ଥିକ ବର୍ଷରେ ଆୟ ଲକ୍ଷ୍ୟ ପୂର୍ବ ତୁଳନାରେ ଅଧା କରିଛନ୍ତି ଗୌତମ ଆଦାନି । ଏହାବାଦ କମ୍ପାନୀ କ୍ୟାପିଟାଲ ଏକ୍ସପେଣ୍ଡିଚର କମ କରିବାକୁ ଯୋଜନା କରିଛି । କମ୍ପାନୀ ବଜାରରେ ପ୍ରଭାବ ପକାଇବା ଅପେକ୍ଷା କିଭଳି ଆର୍ଥିକ ସ୍ଥିତି ମଜବୁତ ହେବ ତାଉପରେ ଆଦାନୀ ଗ୍ରୁପ ଉଦ୍ଦେଶ୍ୟ ରଖିଛି । ଜାନୁଆରୀ ୨୪ରେ ଆମେରିକାର ସର୍ଟ ସେଲର କମ୍ପାନୀ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ କରିବା ପରେ ପ୍ରାୟ ୧୦ ଲକ୍ଷ କୋଟିରୁ ଅଧିକ କ୍ଷତି ସହି ସାରିଛି । ଏହାରି ଭିତରେ ନିକୋ ଏସିଆ ଏକ ରିପୋର୍ଟ ପ୍ରକାଶ କରିଛି । ଯେଉଁଥିରେ ଆଦାନି ଗ୍ରୁପ ସମୂହ ଉପରେ ରହିଥିବା ଋଣ ଭାର ଭାରତର ଜିଡିପିର ପ୍ରାୟ ୧ ପ୍ରତିଶତ ବା ୩.୩୯ ଲକ୍ଷ କୋଟି ଟଙ୍କା ବୋଲି କୁହାଯାଉଛି ।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ସଂଘର ବୈଠକ

ଜୟପୁର, ୧୩/୦୨ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ସଂଘ ର ସାଧାରଣ ବୈଠକ ସଭାପତି ନଳିନୀ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ସଂଘର ସମ୍ପାଦକ ଶ୍ରୀ ପ୍ରଦୀପ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାର ଙ୍କ ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନଙ୍କ ପେନସନ ବୃଦ୍ଧି ଉପରେ ଉଦାସୀନତା ବିରୁଦ୍ଧରେ ଆଗାମୀ ଫେବୃଆରୀ - ୨୭ ସର୍ବଭାରତୀୟ ସ୍ତରରେ ସମସ୍ତ ଇପିଏଫ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଡାକରାକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ । ଓଡ଼ିଶା ର ଭୁବନେଶ୍ୱର , ବ୍ରହ୍ମପୁର, ରାଉରକେଲା ଓ କେଉଁଝର ଠାରେ ଇପିଏଫ ଆଂଚଳିକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ୨୦୧୪ ପୂର୍ବରୁ ଅବସର ନେଇଥିବା ଏନ୍ ପି ଏସ୍ ଅନ୍ତର୍ଗତ ଶ୍ରମିକ ମାନେ ମାତ୍ର ୧୦୦୦ ଟଙ୍କା ପେନସନ ପାଉଛନ୍ତି, ଯେତେବେଳେ କି ରାଜ୍ୟ ସରକାର ମାନେ ବାର୍ଦ୍ଧକ୍ୟ ବିଧବା ଭତା ତାଠାରୁ ଅଧିକ ପାଉଛନ୍ତି । ଦରଦାମ୍ ହୁ ହୁ ହୋଇ ବଢୁଛି , ମୁଦ୍ରାସ୍ଫିତି ବୃଦ୍ଧି ପାଉଥିବା ବେଳେ ପେନସନ ବଢେଇବା ପାଇଁ କେନ୍ଦ୍ର ବଜେଟ ରେ କୌଣସି ପ୍ରାବଧାନ ନାହିଁ । ଯେଉଁ ମାନେ ପେନସନ ପାଣ୍ଠିକୁ ପାଉଣା ଦେଇଆସିଛନ୍ତି ସେମାନଙ୍କୁ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ଦେବା ଦାବିରେ ଏବଂ ଯେଉଁ ମାନେ ଅଧିକ ଦରମା ପାଉଛନ୍ତି ସେମାନଙ୍କୁ ସେହି ହିସାବରେ ଅଧିକ ପେନସନ ଦେବା ପାଇଁ ସର୍ବଭାରତୀୟ ସ୍ତରରେ ପେନସନର୍ସ ଆସୋସିଏସନ୍ ଦାବି କରି ଆସୁଛି । ବକ୍ତା ମାନେ କହିଛନ୍ତି ଯେ ଥରେ ଏମ୍ ଏଲ୍ ଏ, କି ଏମ୍ ପି ହୋଇଗଲେ ଲକ୍ଷ ଲକ୍ଷ ଟଙ୍କା ପେନସନ ପାଉଛନ୍ତି । ସାଧାରଣ ଶ୍ରମିକ ମାନଙ୍କ ପେନସନ ବୃଦ୍ଧି ପାଇଁ ସମସ୍ତ ବାମପନ୍ଥୀ ଏମ୍ ପି ମାନେ ସଂସଦ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିବା ରୁ ସେମାନଙ୍କୁ ସାଧୁବାଦ ଜଣାଉଛି ସଂଘ । ଆଜିର ସଭାରେ କିଶୋର ପଣ୍ଡା, ନରହରି ଚାଲାଣ,ଶିବ ପଟ୍ଟନାୟକ, ଜଗବନ୍ଧୁ ହନ୍ତାଳ, ମନ୍ମଥ ରଥ , ପିତବାସ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଆବାସ ଯୋଜନାରେ ଅନିୟମିତତା : ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

କେନ୍ଦ୍ରାପଡ଼ା, ୧୩/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନିତି ହେଉଥିବା ଦୈନିକ ଅଭିଯୋଗ ହେଉଥିବା ବେଳେ ଏହାକୁ ନେଇ ବିଜେପି ପକ୍ଷରୁ ପ୍ରତ୍ୟେକ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଯୋଗ୍ୟ ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନପାଇ ଭଙ୍ଗା କୁଡିଆରେ ନିଜ ଜୀବନ ବିତାଉଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଂଚାୟତ ଦୋବନ୍ଧା ଗ୍ରାମର ସଇଦା ବିବି ଦୀର୍ଘ ବର୍ଷ ହେଲା ସରପଂଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଖଣ୍ଡିଏ ଆବାସ ଯୋଜନା ପାଇବା ପାଇଁ ଦୌଡି ଦୌଡି ନିରାଶ ହୋଇଥିବା ଦେଖିବାକୁ ମିଳିଛି । ବୟସ୍କ ଝିଅ ପୁଅଙ୍କୁ ନେଇ ଭଙ୍ଗା କାନ୍ଥ ଓ ଚାଳିଆରେ ନିଜ ଜୀବନ ବିତାଉଛନ୍ତି । ବର୍ଷା ଦିନରେ ଏହି ଘରେ ରହିବା ଅସମ୍ଭବ ହୋଇ ପଡୁଛି । ସେହିଭଳି କୁତରଙ୍ଗ ପଂଚାୟତ ଅନ୍ତର୍ଗତ ବିଲ ମୁଗବାଡି ଗ୍ରାମର ଭୁବନ ମୋହନ ଦାସ ଏକ ଭଙ୍ଗା ଚାଳି ଘରେ ରହି ନିଜ ଜୀବନ ବିତାଉଛନ୍ତି । ସେ ବାରମ୍ବାର ବ୍ଲକ ପ୍ରଶାସନ ଓ ସରପଂଚଙ୍କୁ ଏ ବିଷୟରେ ଜଣାଇଲେ ମଧ ତାଙ୍କୁ କୌଣସି ଫଳ ମିଳିନାହିଁ । ମୂଳ ଲାଗି ପରିବାର ଚଳାଉଥିବା ଭୁବନଙ୍କ ପାଇଁ ଘର କରିବା ସାତ ସପନ । ଏହି ଦୁଇ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରି ଏମାନଙ୍କୁ ଘର ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ପାଇପ ଫାଟି ରାସ୍ତାରେ ଲହଡି ଭାଙ୍ଗୁଛି ପାଣି

କେନ୍ଦ୍ରାପଡ଼ା, ୧୩/୦୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୫ନଂ ୱାର୍ଡ ଗୋପ ଗ୍ରାମର ରେଲ ଲାଇନ ଓଭର ବ୍ରିଜ ତଳେ ଦୀର୍ଘ ଏକ ମାସ ହେଲା ମାଟି ତଳେ ଯାଇଥିବା ପାଣି ପାଇପ ଫାଟି ଯିବାରୁ ପୋଲ ତଳେ ଆଣ୍ଠୁଏ ପାଣି ଜମି ରହୁଛି । ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ଅନ୍ଧାର ଥିବା ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଥିବାରୁ ବାଟୋଇ ମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଏକ ମାସ ହେଲା ପାଇପ ଫାଟିପାଣି ବାହାରୁଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ନିରବଦ୍ରଷ୍ଟା ସାଜିଛନ୍ତି । ତୁରନ୍ତ ପାଇପକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଚମ୍ପୁଆ, ୧୩/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ରଙ୍ଗମାଟିଆ ପଂଚାୟତ ଅନ୍ତର୍ଗତ ବାଙ୍କିଆ ଗ୍ରାମର ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଂଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୁଡୁମି ସମାଜ ସଭାପତି ତଥା ଅବସରପ୍ରାପ୍ତ ମୋଟରଯାନ ନୀରିକ୍ଷକ ଇଂ. କ୍ଷୀରୋଦ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ନାଥ ନାଏକ୍, ସମ୍ମାନିତ ଅତିଥି ଭାବେ ରଙ୍ଗାମାଟିଆ ସରପଂଚ ଶ୍ରୀମତୀ ମାଧୁରୀ ନାୟକ, ଆଂଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତୁଳସୀ ରାମ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ନିଷ୍ଠା ଓ ପରିଶ୍ରମ ବଜାଇ ରଖିଲେ ସଫଳତାର ମାର୍ଗ ଖୋଲିଯିବ ଏବଂ ଏଥିପାଇଁ ଗୁରୁଜନମାନଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଭଲ ମଣିଷ ହୋଇ ମାତୃଭୂମିର ସେବା କରିବାକୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ପ୍ରଥମେ ଅତିଥିମାନେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ, ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମକୁ ଶୁଭାରମ୍ଭ କରିଥଲେ । ଶିକ୍ଷକ ବିଜୟ କୁମାର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ୍ ଟ୍ରଫି ସହିତ ଅତିଥିମାନେ ପୁରସ୍କୃତ କରିଥଲେ । ଶେଷରେ ସାଂସ୍କୃତିକ କାର୍ଯକ୍ରମରେ ଛାତ୍ର ଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯକୁ କଳାକାର ସଚ୍ଚିଦାନନ୍ଦ ମହାକୁଡ଼ ସଂଯୋଜନା କରିଥିବା ବେଳେ କାର୍ଯକ୍ରମକୁ ଶିକ୍ଷକ ଜୀବନ କୁମାର ସେଠି , ଦିପ୍ତିରଞ୍ଜନ ବେହେରା, କ୍ରୀଡା ଶିକ୍ଷୟତ୍ରୀ ମିନତି ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀ, ସରୋଜ ନାୟକ, ତପନ ସେନାପତି, ଅଜିତ୍ ନାଏକ, ଲଙ୍କେଶ୍ୱର ପାତ୍ର, ମହେଶ୍ୱର ମୁଣ୍ଡା, କିରାଣୀ ପ୍ରଶାନ୍ତ ଜ୍ୟୋତିଭୂଷଣ ବେହେରା, ବିକ୍ରମ କେଶରୀ ବାରିକ୍, ଡାଳିମ୍ବ ମହାନ୍ତ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିଲା । କାର୍ଯକ୍ରମରେ ସହସ୍ରାଧିକ ଅଭିଭାବକ, ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥଲେ ।

# ଜଗନ୍ନାଥ ଷ୍ଟିଲ କମ୍ପାନୀ ବିରୋଧରେ ହାୟାରପୁର ଗ୍ରାମବାସୀଙ୍କ ମେଳି

ବଲାଣି, ୧୩/୦୨ (ନି.ପ୍ର): ବଡ଼ବିଲ ଥାନା ଅନ୍ତର୍ଗତ କାରାଖେଣ୍ଡରା ପଂଚାୟତ ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ଥିବା ଜଗନ୍ନାଥଷ୍ଟିଲ କମ୍ପାନୀ ବିରୋଧରେ ପ୍ରଭାବିତ ହାୟାରପୁର ଗ୍ରାମବାସୀ ବିଭିନ୍ନ ଦାବି ପୂରଣ ହେଉନଥିବାରୁ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି । ଏ ନେଇ ଗ୍ରାମବାସୀ ଏକ ସାମ୍ବାଦିକ ସମ୍ମିଳନୀ କରି କମ୍ପାନୀ ବିରୋଧରେ ଆନ୍ଦୋଳନ କରିବାକୁ ରଣ ହୁଙ୍କାର ଦେଇଛନ୍ତି । ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗ୍ରାମବାସୀ ଧୂଳିଧୂଆଁ ଖାଇ ସିଧାସଳଖ ପ୍ରଭାବିତ ହେଉଥିବା ସ୍ଥଳେ ସ୍ଥାନୀୟ ପ୍ରଭାବିତ ଅଂଚଳବାସୀଙ୍କୁ ଜଗନ୍ନାଥ ଷ୍ଟିଲ କମ୍ପାନୀ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରି ବାହାର ଅଂଚଳର ଲୋକଙ୍କୁ ନିଯୁକ୍ତି ଦେଉଛି । ଏହା ବ୍ୟତୀତ ଗ୍ରାମରେ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ହାତକୁ ନେଉନଥିବାରୁ ଅଂଚଳର ବିକାଶ ହୋଇ ପାରୁନାହିଁ । ତେବେ ନିଜର ହକ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇଲେ ଜଗନ୍ନାଥ ଷ୍ଟିଲ କମ୍ପାନୀ ସ୍ଥାନୀୟ ପୋଲିସ ପ୍ରଶାସନ କୁ ହାତ ବାରିସୀ କରି ଗ୍ରାମରେ ଦମନ ଲିଳା ଚଲେଇଛି ଅଂଚଳର ନିର୍ଦ୍ଦୋଷ ଲୋକଙ୍କ ନାମରେ ମିଥ୍ୟା କେସ ରୁଜୁ କରାଯାଉଛି, ଜଗନ୍ନାଥ ଷ୍ଟିଲ କମ୍ପାନୀ ର ଧୂଳି ଧୂଆଁ ଖାଇବା ସହ ସ୍ଥାନୀୟ ପୋଲିସ ଓ ବାହାରର ଗୁଣ୍ଡା ମାନଙ୍କ ସହାୟତାରେ ଗ୍ରାମବାସୀଙ୍କୁ ମାରପିଟ୍ ର ଧମକ ଦିଆଯାଉଛି ବୋଲି ଅଭିଯୋଗ କରିଛନ୍ତି । ଏ ନେଇ ଆଗାମୀ ୧୪ ତାରିଖରେ ପମ୍ପ ହାଉସ ଓ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦିଆଯିବା ସହିତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, ୧୩/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ଆଜି ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛିଯେ,ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୧ଟି ଅର୍ଥ ଅସୁଲି ମାମଲାରେ ୬ଲକ୍ଷ ୪୮ହଜାର ୭୦୦ ଟଙ୍କା ଆଦାୟ କରାଯାଇଥିବାବେଳେ,୨୦ ଗୋଟି ସ୍ଥାୟୀ ଲୋକ ଅଦାଲତକୁ ନେଇଥିବା ବିବାଦ ମାମଲାରେ ୧ଲକ୍ଷ ୩୮ହଜାର ୨୮୬ ଟଙ୍କା ଆଦାୟ କରାଯାଇଛି ଏବଂ ୧୬ ଗୋଟି ବକେୟା ଟେଲିଫୋନ୍ ବିଲ୍ ଆଦାୟ ବାବଦରେ ୧୬ହଜାର ୨୧୮ ଟଙ୍କା ଆଦାୟ ହୋଇପାରିଛି । ସେହିପରି କୋର୍ଟରେ ବିଚାରାଧୀନ ଥିବା ୫ ଗୋଟି ଏନ୍. ଆଇ. ଆକ୍ଟ ମାମଲାର ବିଚାର କରାଯାଇ୯ଲକ୍ଷ ୭୪ହଜାର ୭୭୮ଟଙ୍କା ଆଦାୟ କରାଯାଇଥିବାବେଳେ ୭ଗୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨ଲକ୍ଷ ୬୬ହଜାର ୩୩୭ ଟଙ୍କା ଆଦାୟ କରାଯାଇଛି । ୦୭ ଗୋଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୪୩ ଲକ୍ଷ ଟଙ୍କା ଆଦାୟ କରାଯାଇଥିବାବେଳେ ୨୪ଗୋଟି ବୈବାହିକ ବିବାଦ ଫଇସଲା କରାଯାଇ ୪ଲକ୍ଷ ୧୬ହଜାର ଟଙ୍କା ଆଦାୟ କରାଯାଇଛି । ୫୪୬ଗୋଟି ରାଜସ୍ୱ ମାମଲାର ବିଚାର କରାଯାଇ ୩୮ହଜାର ୬୬୩ ଟଙ୍କା ଆଦାୟ କରାଯାଇଥିବାବେଳେ ଅନ୍ୟାନ୍ୟ ୧୮ଟି ଅପରାଧିକ ମାମଲାର ବିଚାର କରାଯାଇ ୩ହଜାର ଟଙ୍କା ଆଦାୟ କରାଯାଇଛି । ତେବେ ୧୧ଟି ଅପରାଧିକ କମ୍ପାଉଣ୍ଡେବଲ୍ ଓ ୧ଟି ଶ୍ରମ ବିବାଦ ମାମଲାର ଫଇସଲା କରାଯାଇଛି ।

# ମାଲକାନଗିରି ଜିଲ୍ଲା ନବୋଦୟ ଆଲୁମିନାର ପାରିବାରିକ ଭେଟଘାଟ

ମାଲକାନଗିରି, ୧୩/୦୨ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସିଆଡିମାଳ ଠାରେ, ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୁର୍ବତନ ଛାତ୍ରଛାତ୍ରୀ ମାନଙ୍କ ଗହଣରେ ଏକ ପାରିବାରିକ ଭେଟଘାଟ ହୋଇଯାଇଛି । ଆଜିର ଏହି ପାରିବାରିକ ଆଲୁମିନା ଭେଟଘାଟକୁ ମାଲକାନଗିରି ଆଲୁମିନା ସଭାପତି ଭାଗୀରଥି ବେହେରା ସଭାପତିତ୍ୱ କରିଥିଲାବେଳେ ଅନ୍ୟ ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ବିଭାଗ ର ଅଧ୍ୟକ୍ଷ ଆଡମା ରାବା, ଅଭିଭାବକ ସତ୍ୟ ରଞ୍ଜନ ବାଲା, ଧନେଶ୍ୱର ଧର,ଭଗବାନ ସାହୁ, ବିଶ୍ୱଜିତ ସରକାର, ମନ୍ଦାକିନୀ ପ୍ରଧାନ ଓ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନବୋଦୟ ବନ୍ଦନା ଗାନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ପାରିବାରିକ ଭେଟଘାଟ ରେ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ମନୋରଞ୍ଜନ ଧର୍ମୀ ଖେଳ ମାନ ଆୟୋଜନ କରାଯାଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ଓ ଏହାପରେ ମହିଳା ମାନେ ମ୍ୟୁଜିକ୍ ଚେୟାର ଖେଳର ମଜା ନେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ମାଝୀ କହିଛନ୍ତି ଯେ ମାଲକାନଗିରି ନବୋଦୟ ଆଲୁମିନା ତରଫରୁ, ପ୍ରତିବର୍ଷ ଆୟୋଜିତ ହେଉଥିବା ଏପରି ଭେଟଘାଟ, ସମସ୍ତ ପୁର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ଗୋଟିଏ ମଂଚରେ ଏକଜୁଟ କରିବା ସହ ଅତିତ ର ସ୍ମୃତି ଚାରଣ ଓ ଭାବର ଆଦାନପ୍ରଦାନ ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଭେଟଘାଟ କାର୍ଯ୍ୟକ୍ରମକୁ ଆଲୁମିନା ସମ୍ପାଦକ ସୁଧିର ରଞ୍ଜନ ସିକଦାର ସମ୍ପଚାଳନ କରିଥିଲାବେଳେ ସୁଶୀଲ ବାଲା, ଇନ୍ଦୁ ସରଦାର, ଲକ୍ଷ୍ମୀଧର ମାଝୀ,ନୋନି ଗୋପାଲ, କାର୍ତିକ ନାୟକ ଓ ବନ ବିହାରୀ ଖରା ପ୍ରମୁଖ ସହଯୋଗ କରିଥିଲେ ।

# ଫୁଲବାଣୀ ଇ-ପାଠାଗାରର ୫ମ ସ୍ଥାପନା ଦିବସ ପାଳିତ

କନ୍ଧମାଳ, ୧୩/୦୨ (ନି.ପ୍ର): ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ଫୁଲବାଣୀ ଦ୍ୱାରା ପ୍ରତିଷ୍ଠିତ ଜିଲ୍ଲା ଇ-ପାଠାଗାରର ୫ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ପ୍ରତିଷ୍ଠାତା ସମ୍ପାଦକ ବିରେନ୍ଦ୍ର କୁମାର ଦାସ କହିଲେ, ମଣିଷର ଅଧିକ କ୍ଷତି ସେତେବେଳେ ହୋଇଥାଏ ଯେତେବେଳେ ସେ ତା'ର ଚିନ୍ତା ଓ ଚେତନାକୁ ନିୟନ୍ତ୍ରଣ କରିପାରେନି । ଯଦି ସେ ତା'ର ଜ୍ଞାନ ରୂପକ ଆୟୁଧକୁ ବୃଦ୍ଧି କରିପାରିବ ତେବେ ସେ ତା'ର ଶରୀର ଓ ମନକୁ ସମୃଦ୍ଧ କରିପାରିବା ସହିତ ବଂଚିବା ପାଇଁ ଖୋରାକ୍ ମଧ ପାଇଯିବ । ସଫଳତା ଥରେ ମିଳିଗଲେ, ଜୀବନ ସାରା କେବଳ ସଫଳତାହିଁ ମିଳିବ । କାରଣ ଅଧ୍ୟୟନକୁ ଭଲପାଉଥିବା ମଣିଷ କେବେବି ପଛକୁ ଚାହିଁ ନ ଥାଏ । ତେଣୁ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ହୁଅନ୍ତୁ ବା ସ୍ୱାବଲମ୍ବୀ ହେବାକୁ ଚାହୁଁଥିବା ଯୁବଗେଷ୍ଠୀ ହୁଅନ୍ତୁ ଏହି ମହାବୃକ୍ଷ ଇ-ପାଠାଗାରର ସହଯୋଗ ନିଅନ୍ତୁ । ଫଳତ ନିଶ୍ଚୟ ମିଳିବ । ନିଜର ଇଚ୍ଛା ଅନୁଶାରେ ଫଳ ନ ମିଳିଲେବି ଛାୟାତ ନିଶ୍ଚୟ ମିଳିବ । ସେ ନିଶ୍ଚୟ ଭଲ ମଣିଷଟିଏ ହୋଇପାରିବ ଏବଂ ସ୍ୱାବଲମ୍ବୀ ହୋଇପାରିବ । ସେ ପାଠକ ପାଠିକା ମାନଙ୍କୁ ଚନ୍ଦନ, ହୀରା, ମୋତି, ମାଣିକ୍ୟ ସହିତ ତୁଳନା କରିଥିଲେ । ସେମାନେ ଚାହିଁଲେ, ଏଠାରେ ଅଧ୍ୟୟନ କରି ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ଏବଂ ଅନ୍ୟମାନଙ୍କୁ ମଧ ପ୍ରେରଣା ଦେଇପାରିବେ । ଏହି ଇ-ପାଠାଗାରର ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ କହିଲେ, ବହି ଇତିହାସ କଥା କହେ । ବହିରେ ମନକୁ ଜିତିବା ଭଳି ଅନେକ ସ୍ୱପ୍ନ ଓ ପ୍ରେରଣା ରହିଛି । ଯେଉଁମାନେ ଏଠାରେ ନିୟମିତ ଭାବରେ ଏଠାରେ ଅଧ୍ୟୟନ କରି ଜ୍ଞାନ ଆହରଣ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି । ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ପଲିଟେକ୍ନିକ୍ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ସାହୁ, ସାମାଜିକ ଅନୁଷ୍ଠାନ ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ, ଜିଲ୍ଲା ପ୍ରେସକ୍ଲବର ସାଧାରଣ ସମ୍ପାଦକ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସୁନ୍ଦର ନାଗରିକ ହେବା ସହିତ ସ୍ୱାବଲମ୍ବୀ ଓ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଇ-ପାଠାଗାର ଏକ ମାଧ୍ୟମ ବୋଲି କହିଥିଲେ । ସେହିପରି ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ତଥା ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟର ଅଧାପିକା ଜ୍ୟୋର୍ତିମୟୀ କହଁର କହିଲେ ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀ ଏହି ଇ-ପାଠାଗାର ସହିତ ଯୋଡ଼ି ହୁଅନ୍ତୁ । ଏହି ଅନୁଷ୍ଠାନ ଏମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଯୋଗାଇଦେବ । ତେବେ ଅତିଥିମାନେଏହାର ପାଠକ ପାଠିକା ମାନଙ୍କର ତଥା ଅନୁଷ୍ଠାନର ଚିରନ୍ତନ ଅଭିବୃଦ୍ଧି କାମନା କରିଥିଲେ । ଏଠାରେ ଅଧ୍ୟୟନ କରି ସଫଳ ହୋଇଥିବା ପାଠକ ପାଠିକାମାନେ ସେମାନଙ୍କ ସଫଳ କାହାଣୀ ବର୍ଣ୍ଣନା କରିଥିଲେ । ସେମାନଙ୍କ କହିବା ଅନୁଶାରେ ସେମାନଙ୍କର ଆତ୍ମ ବିଶ୍ୱାସ ବଢ଼ିଯାଇଛି । ସେମାନେ ନିଜ ଇଚ୍ଛା ଅନୁଶାରେ ଚାକିରି କରିପାରୁଛନ୍ତି କାରଣ ସେମାନେ ଏଠାରେ ପାଠ ପଢ଼ିବାକୁ ନିଶାରେ ପରିଣତ କରିସାରିଛନ୍ତି । ଇ-ପାଠାଗାରର ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ତାଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନବେଳେ ଏହି ପାଠାଗାରରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପ୍ରାୟ ୭୦ ଜଣ ଶିକ୍ଷକରୁ ଆରମ୍ଭ କରି ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତି ପାଇସାରିଛନ୍ତି ।

# କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ପୋଷ୍ଟକାର୍ଡ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଦୁଃଖ

ଜୟପୁର, ୧୩/୦୨ (ନି.ପ୍ର): ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଙ୍କ ତତ୍ୱାବଧାନରେ ଜୟପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ପଲାଇଙ୍କ ନେତୃତ୍ୱରେ ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଙ୍କୁ ପୋଷ୍ଟ କାର୍ଡ ଅଭିଯାନ ମାଧମରେ କନିଷ୍ଠ ଶିକ୍ଷକ ମାନେ ଦାବୀ ଜଣାଇଛନ୍ତି । ରାଜ୍ୟ ସରକାର ଗତ ଅକ୍ଟୋବର ୧୫ ତାରିଖରେ ଓଡିଶା ମାଟିରୁ ଚୁକ୍ତିଭିତିକ ପ୍ରଥା ଉଚ୍ଛେଦ କଲେ । କିନ୍ତୁ କନିଷ୍ଠ ଶିକ୍ଷକଙ୍କୁ ଏଥିରୁ ବାଦ ଦେଲେ । ଯାହାକି କନିଷ୍ଠ ଶିକ୍ଷକଙ୍କୁ କଠୋର ଆଘାତ ଲାଗିଛି । ସମଗ୍ର ଶିକ୍ଷା କେନ୍ଦ୍ରୀୟ ଯୋଜନାରେ ଚାଲିଛି । କିନ୍ତୁ କେନ୍ଦ୍ରୀୟ ଦରମା ପାଉ ନାହୁଁ । ଶିକ୍ଷା ବିଭାଗର ଉନ୍ନତି ପାଇ ସରକାର ଏତେ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କନିଷ୍ଟ ଶିକ୍ଷକ ଙ୍କ ପ୍ରତି ଏତେ ପାତର ଅନ୍ତର କେତେ ଯୁକ୍ତି ଯୁକ୍ତ । ଓଡିଶାରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପାଇ ଏହି ନିଷ୍ପତିରେ ତୁରନ୍ତ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି । ଏହାକୁ ଆଧାର କରି ଜୟପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘର ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଏକ ଅଭିନବ ଉପାୟରେ ପୋଷ୍ଟ କାର୍ଡ ମାଧମରେ ମୁଖ୍ୟମନ୍ତ୍ରୀ ଙ୍କୁ ଦୁଃଖ ଜଣାଇଛନ୍ତି । ଏହି ଅଭିଯାନରେ ସମ୍ପାଦକ ନିତୁ ପଣ୍ଡା, ସହ ସମ୍ପାଦକ ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ମିଥୁନ ନାହାକ, ସୁଚିସ୍ମିତା ମହାରଣା, ଅଭିସ୍ପା ପଟ୍ଟନାୟକ, ସୁନିତା ପଣ୍ଡା, ଲିପିନା ପାଢୀ, ଅରୁଲତା ସାହୁ, ଅଭିସ୍ପା ପାତ୍ର, ସୁନିତା ରାଣୀ ଜେନା ସମେତ କନିଷ୍ଠ ଶିକ୍ଷକ ମାନେ ଉପସ୍ଥିତ ରହି ଜୟପୁର ମୁଖ୍ୟ ଡାକ ଘର ସମ୍ମୁଖରେ ଡାକ ବକ୍ସରେ ପୋଷ୍ଟ କାର୍ଡ ମଧମରେ ଅନୁରୋଧ କରିଛନ୍ତି ।

# ଫେବୃଆରୀ ୧୬ ରୁ ପ୍ରାଣୀ ଚିକିତ୍ସକମାନେ ଡିଜିଟାଲ କାର୍ଯ୍ୟ ବର୍ଜନ କରିବେ

ସୁବର୍ଣ୍ଣପୁର , ୧୩/୦୨ (ନି.ପ୍ର): ପ୍ରାଣୀ ଚିକିତ୍ସକ ମାନଙ୍କ ର ଦୀର୍ଘ ଦିନ ର ଦାବୀ ଗୁଡିକ ପ୍ରତି ସରକାର ଙ୍କ ଚରମ ଅବହେଳା ପ୍ରତିବାଦ ରେ ପ୍ରାଣୀ ଚିକିତ୍ସକ ମାନେ ଆସନ୍ତା ୧୬ ତାରିଖ ରୁ ଡିଜିଟାଲ କାର୍ଯ୍ୟ ବର୍ଜନ କରିବେ । ଗତ ୧ ତାରିଖ ରୁ ଏ ଚିକିତ୍ସକ ମାନେକଳା ବ୍ୟାଚ ପିନ୍ଧି ନିରବ ପ୍ରତିବାଦ କରି ଆସୁଛନ୍ତି କ୍ଷ ଆସନ୍ତା ୨୬ ତାରିଖ ରୁ ଅତିରିକ୍ତ କାର୍ଯ୍ୟ ଯଥା ଏନିମଲ ହେଲ୍ପ ଲାଇନ, କାର୍ଯ୍ୟାଳୟ ସମୟ ଓ ପରିସର ବାହାରେ ସେବା ଇତ୍ୟାଦି ବର୍ଜନ କରିବା ସହିତ ମାର୍ଚ୍ଚ ୧୦ ତାରିଖ ରୁ ସମୂହ ଛୁଟି ନେବାକୁ ନିଷ୍ପତି ନେଇଥିବା ଜଣାଯାଇଛି । ଓଡିଶା ର ପ୍ରାଣୀ ଚିକିତ୍ସକ ମାନଙ୍କର ଦୀର୍ଘ ଦିନ ର ନ୍ୟାର୍ଯ୍ୟ ଦାବୀ ଯଥା ସାଧାରଣ ବର୍ଗ ଡାକ୍ତରଙ୍କ ସହ ସମାନ ଦରମା, ସୁବିଧା ସୁଯୋଗ, ପ୍ରାଣୀ ଚିକିତ୍ସା ସେବାରେ ବ୍ୟାପକ ରୂପାନ୍ତରଣ ୨୪ ଘଣ୍ଟିଆ ସେବା, ବିଶେଷଜ୍ଞ ଚିକିତ୍ସା, ରେଫରାଲ ସୁବିଧା, ମାଗଣା ପ୍ରାଣୀ ଚିକିତ୍ସା ଇତ୍ୟାଦି, କାର୍ଯ୍ୟ ସମୟ ଓ କାର୍ଯ୍ୟ ସାରଣୀ ନିର୍ଦ୍ଧାରଣ, ସ୍ୱତନ୍ତ୍ର ସୁରକ୍ଷା ଆଇନ, ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ବିଶ୍ୱ ବିଦ୍ୟାଳୟ, ସ୍ୱତନ୍ତ୍ର ପ୍ରାଣୀ ଉଦ୍ୟୋଗ ନିଗମ, ଚିକିତ୍ସାଳୟ ଜମିର ସୁରକ୍ଷା, ଇତ୍ୟାଦି ଦାବୀ ପ୍ରତି ଚରମ ଅବହେଳା ପ୍ରତିବାଦ ରେ ବୀତସ୍ପୃହ ପ୍ରାଣୀ ଚିକିତ୍ସକ ମାନେ ଆସନ୍ତା ୧୬ ତାରିଖ ରୁ ଆନ୍ଦୋଳନାତ୍ମକ ପନ୍ଥା ମାନ ଅବଲମ୍ବନ କରିବାକୁ ବାଧ ହେଉଥିବା ବିଷୟ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ।

# ଆନ୍ଧ୍ର ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର କୋଟିଆ ଗ୍ରାମପୁଞ୍ଜିରେ ସଭାକୁ ଉତ୍କଳ ସମ୍ମିଳନୀର ଦୃଢ଼ ସମାଲୋଚନା

ବ୍ରହ୍ମପୁର, ୧୩/୦୨ (ନି.ପ୍ର): ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରିବା ଏକ ମହତ୍ୱପୂର୍ଣ୍ଣ ତଥା ମାନବୀୟ କାର୍ଯ୍ୟ କିନ୍ତୁ ସହାୟତା ବାହାନାରେ ଲୋକଙ୍କୁ ପ୍ରଲୋଭିତ କରିବା ନିର୍ଶ୍ଚିତ ଭାବରେ ନିନ୍ଦନୀୟ ତଥା ଅସାମ୍ବିଧାନିକ କାର୍ଯ୍ୟ ଯାହାକି ଆନ୍ଧ୍ର ପ୍ରଦେଶର ଦାୟିତ୍ୱପୂର୍ଣ୍ଣ ଉପ ମୁଖ୍ୟମନ୍ତ୍ରୀ ପଦବୀରେ ଅବସ୍ଥାପିତ ପିଡିକା ରାଜାନ୍ନା ଦୋରା ବାରମ୍ବାର ଓଡ଼ିଶା ସୀମାରେ ଅନୁପ୍ରବେଶ କରି ଏପରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିଚାଲିଛନ୍ତି । କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅଂଶବିଶେଷ । ୧୯୩୬ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ପରେ ପରେ ୧୯୫୨ ରେ ଆନ୍ଧ୍ର ପ୍ରଦେଶ ଗଠନ ସମୟରେ ତତ୍କାଳିନ ଉଭୟ ରାଜ୍ୟ ସରକାର ତଥା ଭାରତ ସରକାରଙ୍କ ଅନୁମୋଦିତ ସୀମା ନିର୍ଦ୍ଧାରଣ ହୋଇଥିଲା । ତଥାପି ଏହାକୁ ବାରମ୍ବାର ଉଲ୍ଲଂଘନ କରିବା ଅସାମ୍ବିଧାନିକ ତଥା ଆଇନତଃ ଦଣ୍ଡନୀୟ । ଅନ୍ୟଦିଗରେ ଆନ୍ଧ୍ର ପ୍ରଦେଶର କେତେକ ବିଦ୍ୟାଳୟର ଓଡ଼ିଆ ଛାତ୍ରଛାତ୍ରୀଙ୍କ ଓଡ଼ିଆ ପାଠ୍ୟପୁସ୍ତକ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଫେରାଇ ଦେବା ଏବଂ ଝାଡ଼ଖଣ୍ଡ ରାଜ୍ୟର ଦ୍ୱିତୀୟ ରାଜଭାଷା ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାକୁ ସେଠାକାର ସରକାର ପାଠ୍ୟପୁସ୍ତକରୁ ହଟାଇ ଦେବାକୁ ମସୁଧା କରିବା ପ୍ରସଙ୍ଗକୁ ମଧ ଉତ୍କଳ ସମ୍ମିଳନୀର ସଭାରେ ଦୃଢ଼ ସମାଲୋଚନା ଓ ନିନ୍ଦା କରାଯାଇଛି । ଏବଂ ଓଡ଼ିଶା ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମାଧାନ କରନ୍ତୁ ବୋଲି ଦାବୀ କରାଯାଇଛି । ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଆଲୋଚନା ସଭାରେ ସଭାପତି ଡ଼. ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପ୍ରତିନିଧି ରାଧାଚରଣ ନାୟକ ଏବଂ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଂଚାସିନ ହୋଇ ସଭାର ଉଦଘାଟନ କରିଥିଲେ ।

ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଏବଂ ହସ୍ପିଟାଲରେ ଚିକିତ୍ସାଧିନ ଥିବା ସମ୍ମିଳନୀର ପୂର୍ବତନ ସଭାପତି ତଥା ଉପଦେଷ୍ଟା ମନ୍ମଥ ପାଢ଼ୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଆଲୋଚନା ପ୍ରସଙ୍ଗ କ୍ରମରେ ଆନ୍ଧ୍ର ସରକାରଙ୍କ ଜ୍ଞାତସାରରେ ହେଉଥିବା ଓଡ଼ିଶା ତଥା ଓଡ଼ିଆ ବିରୋଧି କାର୍ଯ୍ୟକ୍ରମକୁ ଦୃଢ ନିନ୍ଦା ତଥା ସମାଲୋଚନା କରାଯାଇଥିଲା । ଆନ୍ଧ୍ର ପ୍ରଦେଶ ସମେତ ପଡୋଶୀ ରାଜ୍ୟର ଉନ୍ନତି ଓ ବିକାଶରେ ଓଡ଼ିଆ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏକଥା ଉକ୍ତ ରାଜ୍ୟ ସରକାର ବୁଝିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା ଏବଂ ଯଥାଶୀଘ୍ର ଉଭୟ ରାଜ୍ୟର ଗୃହ କମିଟି ବୈଠକରେ ଏହାର ଯଥା ସମ୍ଭବ ସମାଧାନ କରାନଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଥିଲା । ଏହି ଅବସରରେ ଆସନ୍ତା ଏପ୍ରିଲ ୧ରେ ଉତ୍କଳ ଦିବସ ପାଳନ ଏବଂ ପରେ ପରେ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା । ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ କମିଟି ସଦସ୍ୟ ଡାକ୍ତର ସମରେନ୍ଦ୍ର କୁମାର ସାହୁଙ୍କ ସମେତ ଭବାନୀ ଶଙ୍କର ପାଣିଗ୍ରାହୀ, ଡକ୍ଟର କୃଷ୍ଣ ପ୍ରସାଦ ମହାପାତ୍ର, ସୂର୍ଯ୍ୟ କାନ୍ତ ପାତ୍ର, ଇଂ. ପ୍ରକାଶ ଚନ୍ଦ୍ର ସାହୁ, ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ, ନିଳାଚଂଳ ମହାପାତ୍ର, କାମାକ୍ଷୀ ପ୍ରସାଦ ପତି, ବାସୁଦେବ ରଥ, ସୁବାସ ଚନ୍ଦ୍ର ପଟ୍ଟନାୟକ, ରାଧା ରମଣ ପଟ୍ଟନାୟକ, ଶ୍ରୀମତୀ ସୌଦାମିନୀ ମିଶ୍ର, ଡ. ସୁଶାନ୍ତ କୁମାର ଶାସମଲ, ବଂଶୀଧର ସେଠୀ, ନବକିଶୋର ମହାପାତ୍ର, ଅନିଲ ତ୍ରିପାଠୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଶେଷରେ ରାଧା ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଲେଣ୍ଟାଇନ୍ସ ଡେ ଭିନ୍ନ ଏକ ପ୍ରେମ ଚିଠି



ଡକ୍ଟର ଲକ୍ଷ୍ମଣ ସାହୁ



ସବୁଠୁ ବଡ ଅକ୍ଷର ପାଇଁ ଗିନିଜ ୱାର୍ଲ୍ଡ ରେକର୍ଡ ହେଉଛି ଏକ ପ୍ରେମ ଚିଠି । ୧୯୫୨ ମସିହାରେ ନ୍ୟୁୟର୍କର ଜଣେ ମହିଳା ତାଙ୍କ ପ୍ରେମିକଙ୍କୁ ଲେଖିଥିବା ଚିଠିର ଲମ୍ବ ୩,୨୦୦ ଫୁଟ ଥିଲା । ଯାହା ଉତ୍ତର ଓ ଦକ୍ଷିଣ କୋରିଆ ଯୁଦ୍ଧ ସମୟରେ ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଥିଲା । ଏହି ଚିଠି ଲେଖିବାକୁ ଏକ ମାସ ସମୟ ଲାଗିଥିଲା । ପ୍ରେମିକା ଜଣେ ଆମେରିକୀୟ ସୈନିକ ଥିଲେ । ଏହି ପରିପ୍ରେକ୍ଷୀରେ ଜଣାଯାଇଛି ଏହା ସବୁଠାରୁ ଛୋଟ ଅକ୍ଷର ଉଲ୍ଲେଖିତ ପତ୍ର ବା ଚିଠି , ଯାହା ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଛି । ଯଦିଓ ଏହା ଏକ ପ୍ରେମ ଚିଠି ନୁହେଁ , ତଥାପି ତାକୁ ପ୍ରଥମ ପ୍ରେମ ପତ୍ର କୁହାଯାଇପାରେ । ୧୮୬୨ ମସିହାରେ ଫରାସୀ ଲେଖକ ଭିକ୍ଟର ହୁଗୋ ତାଙ୍କ ଉପନ୍ୟାସ 'ଲା ଦୁଃଖୀ' ପ୍ରକାଶନ ପରେ ପ୍ରକାଶକଙ୍କୁ ଏକ ଚିଠି ଲେଖିଥିଲେ । ସେଠାରେ ଏକ ପ୍ରଶ୍ନ ଚିହ୍ନ ( ? ) ରହିଥିଲା । ଅର୍ଥାତ୍ ସେ କିପରି ଚିଠି ବିକ୍ରୟ କରିବେ ଜାଣିବାକୁ ଚାହିଁଲେ । ବିକ୍ରୟ ଅବିଶ୍ୱସନୀୟ ବୋଲି ସୂଚାଇବା ପାଇଁ ପ୍ରକାଶକ ଏକ ବିସ୍ମୟ ବିନ୍ଦୁ ( ! ) ସହିତ ପ୍ରତିକ୍ରିୟା କଲେ । ଯାହା ଆଜି ଏହା ସବୁଠାରୁ ଅଧିକ ପ୍ରଭାବଶାଳୀ ଭାଷାରେ ପରିଣତ ହୋଇଛି । ୨୦୧୩ରେ ଅକ୍ସଫୋର୍ଡ ଅଭିଧାନରେ ଅର୍ଥାତ୍ ଇ (ଅର୍ଥ ଚିତ୍ର) ମୋ (ଅର୍ଥ ଲେଖା) ଜି ( ଶଅର୍ଥ ବର୍ଣ୍ଣ), ସରଳ ଶବ୍ଦରେ, ଲେଖା ଓ ଚିତ୍ରରେ ପ୍ରକାଶିତ ଏକ ଚରିତ୍ର । ଉଦ୍ଭାବକ ଜାପାନୀ ଡିଜାଇନର୍ ଶିଗୋଟାକା କୁରିଟା । ଏହି ଜାପାନୀ ଶବ୍ଦ ହେଉଛି ଇମୋଜି, ଯାହାକି ସମସ୍ତେ ନିଜ ଭାବନାକୁ ପ୍ରକାଶ କରିବାକୁ ଆଜି ନିର୍ଭର କରନ୍ତି । ଯଦିଓ ଏକ ଅର୍ଥପୂର୍ଣ୍ଣ ତିନି ଶବ୍ଦ ବାକ୍ୟ ପ୍ରକାଶ କରିବାର କୌଣସି ତୁଳନା ନାହିଁ ।

କ୍ୟାଲେଣ୍ଡରର ଗୋଟିଏ ତାରିଖ ହେଉଛି ଫେବୃଆରୀ ୧୪ । ଏହି ଦିନଟି ବର୍ତ୍ତମାନ 'ଭାଲେଣ୍ଟାଇନ୍ସ ଡେ' ଭାବରେ ପାଳନ କରାଯାଏ । ବର୍ତ୍ତମାନ ଭାଲେଣ୍ଟାଇନ୍ସ ଡେ ର ଅର୍ଥ ହେଉଛି ଅନେକ ଉପହାର । ପ୍ରେମ ଦିନ ଏକ କ୍ରୟ ବିକ୍ରୟର ଖେଳ ପରି । ସତେ ଯେପରି ଉପହାର ବିନିମୟ ମାଧ୍ୟମରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଏହି ଦିନକୁ ପ୍ରୋତ୍ସାହିତ କରାଯାଏ । ପ୍ରେମ, ପ୍ରେମ କେବଳ ଗୋଟିଏ ଦିନରେ ବନ୍ଧା ହୋଇପାରେ ! ପ୍ରେମ ଦିନ କ'ଣ ( ? ) ଏଭଳି ପ୍ରଶ୍ନ ଆମର ପିଲାଦିନରୁ ଉଙ୍କି ଆସେ । ଆମର ଯୌବନରେ, ଆମେ ଭାଲେଣ୍ଟାଇନ୍ସ ଡେ ନାମକ କିଛି ଶୁଣି ନ ଥିଲୁ । ଯେତେବେଳେ ବସନ୍ତ ଆସେ, ସେତେବେଳେ କେବଳ ପ୍ରେମ ଋତୁ ବୋଲି ଭାବୁ । ତଥାପି କିଏ ଗ୍ରୀଷ୍ମ ପ୍ରବାହରେ ଆମ୍ବ ଗଛର ଛାଇ ତଳେ ଏକ ଖଟ ଉପରେ ବସି ସୁଲୁସୁଲୁ ପବନ ଖାଉ । ପ୍ରବଳ ପବନରେ ଓଦା ହେବାକୁ, ଶରତ ମେଘର ଭିଜିବାକୁ । ଦୂରତାରେ ହଜିଯିବାକୁ, ଝିପିଝିପି ବର୍ଷାରେ ଭିଜିବାକୁ ଚାହିଁବ । ହେମାଳ ଜଙ୍ଗଲରେ ସୂର୍ଯ୍ୟ, ଶୀତରେ ଆଣ୍ଠୁମାଡି କମ୍ବଳର ଉଷ୍ମତା ତଳେ ନିଃଶ୍ୱାସ ନେଉ । ଇଚ୍ଛା କରି ପ୍ରେମ ଆମ ହୃଦୟର ଗଭୀରତାରେ ଉତ୍ପନ୍ନ ହୁଏ ନାହିଁ !

ବୋଧହୁଏ ଏହା ସତ୍ୟ ଯେ ଶୀତର କଠିନ, ଶୁଷ୍କ ପତ୍ର ଝଡା ଋତୁ ପରେ, ଯେତେବେଳେ ପ୍ରକୃତି ତା'ର ଯୌବନରେ ଆବିର୍ଭୂତ ହୁଏ, ଆମର ରୋମାଣ୍ଟିକ ହୃଦୟ ସ୍ୱାଭାବିକ ଭାବରେ ଜାଗ୍ରତ ହୁଏ । ଏହି ସମୟରେ ଫାଲଗୁନ୍‌ଙ୍କ ଶାରୀରିକ ଉତ୍ସାହ ଦେଖିବାକୁ ମିଳେ । ଶରୀରରେ ପୁଲକ ଆସେ । ପ୍ରେମର ପ୍ରତୀକ କୃଷ୍ଣ ଓ ରାଧାଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଅମର କରିବା ପାଇଁ, ନନ୍ଦଗାଁଓ ଓ ବାରସାନା ଗାଁର ଯୁବକ ଓ ଯୁବତୀମାନେ ସେହି ସମୟରେ ରଙ୍ଗ ଖେଳରେ ଲିପ୍ତ ରହନ୍ତି । ତେଣୁ ବୋଧହୁଏ ଏହା ଲୋକପ୍ରିୟ, ଯେତେବେଳେ ବସନ୍ତ ଆସେ, ପ୍ରେମ ମନକୁ ଆସେ । ପ୍ରେମିକ ପ୍ରେମିକା ଯୌବନରେ ଅକ୍ଷର ଅର୍ଥାତ୍ ପ୍ରେମ ପତ୍ର ବା ଚିଠି , ଚିଟାଉ ମାଧ୍ୟମରେ ପ୍ରେମୀଯୁଗଳଙ୍କୁ ଭେଟିଥା'ନ୍ତି ।

ସେତେବେଳେ ଚିଠି ମାଧ୍ୟମରେ ହିଁ ଧ୍ୟାନ ଦିଆଯାଇଥିଲା । ମାନ, ଅଭିମାନ କ୍ରୋଧ ପ୍ରକାଶ କରାଯାଇଥିଲା । ମିଳନ ସ୍ଥାନ ଓ ସମୟ ସ୍ଥିର କରାଯାଇଥିଲା । ବିଦ୍ୟାଳୟ ବୟସରେ ପୁସ୍ତକ ଆଦାନପ୍ରଦାନ ଆରମ୍ଭ ହୋଇଥିଲା । ହୃଦୟର ଶବ୍ଦଗୁଡ଼ିକ ପତ୍ରରେ ଲୁଚି ରହିଥିଲା । ଯେତେବେଳେ ସାହସ ଟିକିଏ ବଢେ, ରଙ୍ଗୀନ ପୃଷ୍ଠାଗୁଡ଼ିକରେ ଅଭିବ୍ୟକ୍ତି । ରାସ୍ତାରେ ରଙ୍ଗୀନ ଏନଭଲ୍ସରେ ହସ୍ତାନ୍ତର କରାଯାଏ କିମ୍ବା ଅଜାଣତରେ ଘର ସାମ୍ନାରେ ଝୁଲୁଥିବା ଚିଠି ବାକ୍ସରେ ପକାଯାଇଥାଏ । ଅବଶ୍ୟ ସେହି ଅକ୍ଷର ନାମହୀନ । ଚିଠି ଆସିବା ମାତ୍ରେ ଛାତି ବ୍ଲାଉଜ ପଛରେ କିମ୍ବା ସାଢୀର ହେମରେ କମ୍ପିତ ହୁଏ କିମ୍ବା ଏହାକୁ ପ୍ୟାଣ୍ଟ ପକେଟରେ କିମ୍ବା ବହିର ପୃଷ୍ଠା ପଛରେ ଲୁଚାଇଥାଏ । ବିଛଣା ଉପରେ ଶୋଇଥିବା ଅବସ୍ଥାରେ, ଡ୍ରିମି ଆଲୋକର ଜ୍ୟୋସ୍ନାଙ୍କ ପୃଷ୍ଠା - ବଂଶୀ ବଜାଇବା ସେହି ହୃଦୟରେ ଲୁଚି ରହିଛି । କେତେ ରୋମାଣ୍ଟିକ ପୁସ୍ତକ ପଢିବାକୁ । ସେମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ , ଜିବାନାନନ୍ଦ, ସୁନୀଲଙ୍କ ଦ୍ୱାରା ଲିଖିତ ପ୍ରେମ ରେଖା ବିଷୟରେ ଉଲ୍ଲେଖ କରିବାକୁ ପଡୁଥିଲା । ଆଜି କାଲି ଯେଉଁଠି ଗୁଗୁଲ୍ ଏକ ବଟନ୍ କ୍ଲିକ୍ କରି ଶହ ଶହ ପ୍ରସିଦ୍ଧ ପ୍ରେମ କୋଟ୍ ସହିତ ବାହାରକୁ ଆସିବ । ସେମାନେ ପ୍ରାୟତଃ ଲାଲ୍ ହାତରେ ଧରାପଡିଥିଲେ । ଏହା ପରେ ଜୁଟାଟଙ୍କୁ ଅନେକ ଥର ଗାଳିଗୁଲଜ କରାଯାଇଥିଲା, ଚାପୁଡ଼ା ମାରିଥିଲେ । ସେହି ସମୟର ଯୁବକ ଓ ଯୁବତୀମାନଙ୍କ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ଧୈର୍ଯ୍ୟ ପରଖି ହୋଇଯାଏ ।

ଆଜିର ଯୁବକ କେବଳ ଏକ କଳ୍ପନା । ବର୍ତ୍ତମାନ ଇମୋଜି ସହିତ ସକାଳେ ଏକ ବାର୍ତ୍ତା ପଠାଗଲା, ତା'ପରେ ସାକ୍ଷାତ । ଯଦି ଆପଣ ପସନ୍ଦ କରନ୍ତି, ତାଙ୍କୁ ସୋସିଆଲ ମିଡିଆରେ କିଛି ଦିନ ଜୀବନ୍ତ ରଖନ୍ତୁ । ଯଦି ତୁମେ ଏହାକୁ ପସନ୍ଦ କରୁନାହଁ, ତେବେ ରାତିରେ ଶଯ୍ୟାରେ ଶୋଇ ରୁହ ଓ ଜାଣିଶୁଣି ତାଙ୍କୁ ଅବରୋଧ କର । ବୁବୁଡି ମୋଫାସାଲ ସହରରେ ରହୁଥିଲେ । ଯେଉଁଠାରେ ମୁଁ ମୋର ପିଲାଦିନ ବିତାଇଥିଲି । ସେ ଅଧା ପ୍ୟାଣ୍ଟ ବୟସରୁ ମୋର ଖେଳାଳୀ । ଲୁଡୋ ବ୍ୟତୀତ ବାଗଡୋଲି, କାନାମାଚି, କିଟ୍କିଟ୍, ଡାଙ୍ଗୁଲି ମଧ୍ୟ ଖେଳାଯାଏ । ଯେତେବେଳେ ସେ ଦଶମ ଶ୍ରେଣୀରେ ପଢୁଥିଲେ ଓ ମୁଁ ୮ମ ଶ୍ରେଣୀରେ ପଢୁଥିଲି । ଗୋଟିଏ ଶୀତ ଅପରାହ୍ନରେ ସେ ମୋତେ ଏକ ଫୋଲ୍ଡ କାଗଜ ଖଣ୍ଡ ସହିତ ଏକ ସିଲ୍ ହୋଇଥିବା କନଟ୍ରାକ୍ଟ ଦେଇଥିଲେ ।

କୁହନ୍ତି, ଅପରାହ୍ନରେ କ୍ରିକେଟ୍ ପଡ଼ିଆକୁ କାଲୋଲଦାରଙ୍କୁ ହସ୍ତାନ୍ତର କରିବାକୁ । ବାରମ୍ବାର ଚେତାବନୀ, କାଲୋଲଡାଙ୍କ ହାତରେ । କାହାର ହାତରେ ନୁହେଁ । ସେ କହିଛନ୍ତି ପରଦିନ ଅପରାହ୍ନରେ, ସ୍କୁଲ ପରେ, କେତେବେଳେ କେଉଁଠି ଭେଟ ହେବ । କାଲୋଲଡା ସେଦିନ ଖେଳିବାକୁ ଆସି ନଥିଲେ । ତଥାପି କଲେଜରୁ ଫେରିନାହିଁ । ମୁଁ କନ୍ଭଲଡର ଭୋଇଙ୍କୁ କନଟ୍ରାକ୍ଟ ଦେଇଥିଲି । ପରଦିନ ମଧ୍ୟାହ୍ନରେ ବୁବୁଡି ଆଉ ମୋତେ ଭେଟିଲା ନାହିଁ । ପରେ ମୁଁ ଜାଣିବାକୁ ପାଇଲି ଯେ କାଲୋଲଦାରଙ୍କ ଭାଇଙ୍କଠାରୁ ଏହି ଚିଠି ତାଙ୍କ ମା'ଙ୍କ ନିକଟକୁ ଯାଇଥିଲା । ତାଙ୍କ ମା ଏହାକୁ ବୁବୁଦିଙ୍କ ମାତାଙ୍କୁ ଦେଇଥିଲେ ଓ ଦୁଇଟି କଥା ଶୁଣିଥିଲେ । ମୁଁ ବର୍ତ୍ତମାନ କଣ କରିବି ! ବୁବୁଡି ବିନା ଦୁନିଆ ମୋ ପାଇଁ ଏକ ରଙ୍ଗହୀନ, ଦୁର୍ଗନ୍ଧହୀନ, ନିରବ ଦୁନିଆ ।

ମୁଁ ଗୁଆ କାଟିବା ଶିଖିଛି । ମୁଁ କଲବୋଶେଟି ଉଠାଇଥିବା ଆମ୍ବକୁ ଲୁଣ ଦେବା ଶିଖିଛି । ସରସ୍ୱତୀ ଦେବୀ ସାହାଯ୍ୟ କରିଥିଲେ । ସେ ସମସ୍ୟାର ସମାଧାନ କରିଥିଲେ । ଗାଁ ପୂଜାରେ ପୁଷ୍ପାଞ୍ଜଳି ଦେବାବେଳେ କାଲୋଲଡା ଓ ବୁବୁଡିଙ୍କ ଆଖି ଯୋଗାଯୋଗ ଲକ୍ଷ୍ୟ କରାଯାଇଥିଲା । ଓଠର କୋଣରେ ଏକ କୋମଳ ହସ ଝୁଲୁଥିଲା । ମୁଁ ବୁବୁଦିରେ ଥିବା ଜଟ ସୀମା ସହିତ ହଳଦିଆ ରଙ୍ଗର ସାରସ୍ୱତ ଅବସ୍ଥାରେ ଜେଜେମା'ଙ୍କ ସହ ଅଞ୍ଜଳିଙ୍କ ମନ୍ତ୍ର ଜପ କରିବାକୁ ଭୁଲିଗଲି । ପୂଜା ଶେଷରେ, କାଲୋଲଡାଙ୍କ ମଧ୍ୟସ୍ଥତା ମାଧ୍ୟମରେ ବୁବୁଦୀଙ୍କୁ ପୁନଃ ମିଳିତ କରାଯାଇଥିଲା । ବହୁତ କୌତୂହଳପ୍ରଦ ସତ୍ତ୍ୱେ,, ମୁଁ ସେହି ଫୋଲଡ୍ କାଗଜରେ କ'ଣ ଲେଖା ହୋଇଛି ତାହା ଖୋଜି ପାଇଲି ନାହିଁ ।

ଗୋଟିଏ ବର୍ଷ ବିତିଗଲା । ସେହି ସମୟରେ ଦୁହିଁଙ୍କ ମଧ୍ୟରେ ବାର୍ତ୍ତାଳାପ ଏବଂ ବୈଠକ ଚାଲିଥାଏ । ଧୀରେ ଧୀରେ, ମୋର ଜେଜେବାପା ଚିଠିରେ କ'ଣ ଲେଖନ୍ତି ତାହା ବୁଝିବାର ଜ୍ଞାନ ପାଇଲି । ଦିନେ ମୁଁ କିଛି ବୁଝି ନପାରି ବଙ୍ଗାଳୀ ନୋଟବୁକର ଏକ ପୃଷ୍ଠା ଛିଣ୍ଡାଇବାକୁ ସାହସ କରି ଲେଖିଲି । ସେହି ଦିନ ଅପରାହ୍ନରେ ମୁଁ ତୁମକୁ ଡାକିଲି ଓ ଶଯ୍ୟାରେ ଶୋଇଥିବାର ଦେଖିଲି । ତୁମେ କେତେ ସୁନ୍ଦର ଦେଖାଯାଉଛ । ଅପରାହ୍ନରେ ମୁଁ କାଗଜକୁ ଗୋଲାକାର ବଲ ପରି ଗଡ଼ାଇ ଖାଇବା ସମୟରେ ବୁବୁଡିଙ୍କୁ ଦେଇଥିଲି । ମୁଁ କହିଲି, ମୁଁ ଘରକୁ ଯାଇ ଦେଖିବି । ମୁଁ ଭାବିଲି, ବୋଧହୁଏ ମୁଁ ଏକ କବିତା ଲେଖିଛି । ସନ୍ଧ୍ୟାର ଅନ୍ଧକାର ପାଖେଇ ଆସୁଛି । ମୁଁ ପଢିବାକୁ ବସିଛି । ବୁବୁଡି ଅଗୁନ୍ - କ୍ରା ମୋ ପଠନ କକ୍ଷରେ ପ୍ରବେଶ କରି ମୋତେ ଜାମୁଲ ଗଛ ତଳେ ଟାଣି ନେଇଗଲା । ବାମ ଗାଲରେ ଚାପୁଡ଼ା । ମୁଁ ମୋର ଲାଲ ପଡ଼ିଥିବା ଗାଲରେ ହାତ ଘଷୁଛି, ଆଖିରୁ ଲୁହ ଝରି ଆସୁଛି । ଆଶ୍ଚର୍ଯ୍ୟ ହୋଇ ବୁବୁଡି ମୋ ପାଟିର ଗାଲକୁ ଦୁଇ ପାପୁଲିରେ ବାନ୍ଧି ମୋ କପାଳକୁ ଚୁମା ଦେଲା ।

ମୁଁ ଖାଲି ଲୋତକଭରା ଆଖିରେ ବୁବୁଡିଙ୍କୁ ଦେଖିଲି । କିଛି ବୁଝି ନପାରି ବୁବୁଙ୍କୁ ଲେଖାଯାଇଥିବା ସେହି ବାଳକ ଚିଠି ମୋର ପ୍ରଥମ ଓ ଶେଷ ପ୍ରେମ ଚିଠି ଥିଲା । ଯଦି ବାସ୍ତବରେ ଏହାକୁ ଏକ ପ୍ରେମ ଚିଠି କୁହାଯାଇପାରେ । କାରଣ ସେହି ଚିଠିରେ ନିରୀହ ପ୍ରେମର ଏକ ସ୍ୱର ଥିଲା । ଶବ୍ଦର ପଛରେ କୌଣସି କପଟତା କିମ୍ବା ଚତୁରତା ଲୁଚି ରହିନଥିଲା ... !!!

+ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
ମୋ : ୯୦୪୦ ୧୫୧୪୭୫

# ଭାଲେଂଟାଇନ ଡ଼େ' ସତରେ କ'ଣ ଯୁବପିଢ଼ି ପାଇଁ ଏକ 'ପ୍ରେମ ଦିବସ' ?



ବିଷ୍ଣୁ ପ୍ରସାଦ ଦାସ



ଏକ ପାଶ୍ଚାତ୍ୟ ପରମ୍ପରାକୁ ଆମ ଭାରତୀୟ ସଂସ୍କୃତି ଖୁବ ଶୀଘ୍ର ଆପଣେଇ ନେଇଛି , ଗତ ୧୫ / ୨୦ ବର୍ଷ ଭିତରେ ଏହା ଅନ୍ଧ ଭାବେ ଆଗକୁ ଆଗକୁ ମାଡିଚାଲିଛି ଯାହାର ଆଦି ନାହିଁ କି ଅନ୍ତ ନାହିଁ ବା ଆମ ସଂସ୍କୃତି ସହିତ କୌଣସି ତଓଲମେଳ ନାହିଁ ଓ ସତ କହିବାକୁ ଗଲେ ୯୦ ପ୍ରତିଶତ ଯୁବକ, ଯୁବତୀ ଭାଲେଣ୍ଟାଇନ ଡ଼େ' ବିଷୟରେ ବିଶେଷ କିଛି ଜାଣି ନଥିବେ ବା ଭୁଲ ତଥ୍ୟ ତା'ଙ୍କ ପାଖରେ ଥିବ ଓ ଅନ୍ଧାରରେ ବାଡ଼ି ବୁଲାଇବା ପରି ଯାହା ପାଇଲେ ତା'କୁ ନେଇ କିଛି ଗୋଟିଏ ଦିବସର ଆଖ୍ୟା ଦେଇ ନିଜର ଫାଇଦା ଉଠାଇବା ପାଇଁ ବ୍ୟବସାୟୀ ଗୋଷ୍ଠୀ ମଧ୍ୟ ତତ୍ପର । ବର୍ଷକ ୩୬୫ ଦିନ ଆଉ ପ୍ରତିଦିନ କିଛି ନା' କିଛି ଡ଼େ' ଥାଏ କାରଣ ପାଶ୍ଚାତ୍ୟ ଦେଶ ମାନେ ଏହାକୁ ପାଳନ କରିଥା'ନ୍ତି ଓ ଏଥିରେ କେତେ ସତ୍ୟତା ଥାଏ ସେଇମାନେ ହିଁ ଜାଣନ୍ତି , କାରଣ ଯଦି ବର୍ଷକୁ ୩୬୫ ଦିନ କିଛି ନା' କିଛି ଦିବସ ପାଳନ କରିବେ ତେବେ କାମ କରିବେ କେତେବେଳେ ? ଆଉ ଦେଶ କ'ଣ ଖାଲି ବିଭିନ୍ନ ଦିବସକୁ ନେଇ ଚାଲିବ ଲୋକେ ନିଜର ଗୁଜୁରାଣ ମେଣ୍ଟାଇବେ କିପରି ? ଛାଡ଼ନ୍ତୁ ସେକଥା ...ଏବେ ଆମେ ଏଇ "ପ୍ରେମ ଦିବସ" କଥା ଉପରକୁ ଆସିବା ।

ଇତିହାସ କହେ ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ ଦ୍ୱିତୀୟ କ୍ଲାଉଡିଆସ ଏକ କ୍ରୋଧୀ ରାଜା ଥିଲେ, ସେହି ସମୟରେ ସେଣ୍ଟ ଭାଲେଣ୍ଟାଇନ ନାମକ ଏକ ଧର୍ମ ଯାଜକ ରୋମ ନଗରୀରେ ବାସ କରୁଥିଲେ ଓ ସେଣ୍ଟ ଭାଲେଣ୍ଟାଇନ ଅନେକ ରୋମ ନିବାସୀଙ୍କୁ ଖ୍ରୀଷ୍ଟଧର୍ମକୁ ଧର୍ମାନ୍ତରୀକରଣ କରାଇଥିଲେ, ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଜଣେ ପାଗନ୍ (ଯେଉଁମାନେ ଅନେକ ଦେବା ଦେବୀ ପୂଜା କରନ୍ତି) ଥିଲେ ଏବଂ ଖ୍ରୀଷ୍ଟିଆନମାନଙ୍କୁ ଯାହା କରିବାକୁ ଅନୁମତି ଦିଆଯାଇଥିଲା ସେ ସମ୍ବନ୍ଧରେ କଠୋର ନିୟମ ତିଆରି କରିଥିଲେ ଓ ସେଣ୍ଟ ଭାଲେଣ୍ଟାଇନ ରୋମ ରାଜାଙ୍କ ନିର୍ଦ୍ଦେଶକୁ ଖାତିର ନ'କରି ନିଜ କାର୍ଯ୍ୟରେ ଅଟଳ ଥିଲେ ଏହା ଖ୍ରୀଷ୍ଟ ପର ୨୭୧ ମସିହା କଥା ଓ କ୍ରୋଧିତ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ସେଣ୍ଟ ଭାଲେଣ୍ଟାଇନଙ୍କୁ ରାଜଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଦେଇଥିଲେ, ସେଣ୍ଟ ଭାଲେଣ୍ଟାଇନ ସମ୍ରାଟଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ପସନ୍ଦ କରୁନ'ଥିଲେ ଓ ସେତେବେଳେ ସମ୍ରାଟ ନିଜ ସୈନ୍ୟ ମାନଙ୍କୁ ବିବାହ ପାଇଁ ଅନୁମତି ଦେଉ ନଥିଲେ, ହୁଏତ ସେ ଭାବୁଥିଲେ ବିବାହ ପରେ ସୈନ୍ୟ ମାନଙ୍କର ଶରୀର ଦୁର୍ବଳ ହୋଇଯିବ ବା ସେମାନେ ପାରିବାରିକ ସମସ୍ୟା ଭିତରେ ଯୁଦ୍ଧ ପାଇଁ ସେତେଟା ଉପଯୁକ୍ତ ସାବ୍ୟସ୍ତ ହେବେ ନାହିଁ ଓ ସେଣ୍ଟ ଭାଲେଣ୍ଟାଇନ ଲୁଚା ଛପାରେ ସେମାନଙ୍କ ବିବାହ କରାଇ ସେମାଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରୁଥିଲେ ଏସବୁ ଦେଖି ସମ୍ରାଟ ଉତ୍କ୍ଷିପ୍ତ ହୋଇ ଭାଲେଣ୍ଟାଇନଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ ଓ ସେ ରହୁଥିବା କାରାଗାରର କଓରାପାଳଙ୍କ ଦୃଷ୍ଟିହୀନ ଝିଅଙ୍କୁ ନିଜର ଐଶ୍ୱରିକ ଶକ୍ତି ଦ୍ୱାରା ଦୃଷ୍ଟିଶକ୍ତି ଫେରାଇ ପାରିଥିଲେ ଓ ଇତିହାସ ଅନେକ କଥା କହେ ଆଉ ଆମେ ଇତିହାସକୁ ସାକ୍ଷୀ ରଖି ଆମର ବକ୍ତବ୍ୟ ରଖିଥାଉ ଓ ପ୍ରାଚୀନ ରୋମୀୟମାନେ ମଧ୍ୟ ଆମର ଆଧୁନିକ "ପ୍ରେମ ଦିବସ' ନାମ ପାଇଁ ଦାୟୀ ହୋଇପାରନ୍ତି । ତୃତୀୟ ଶତାବ୍ଦୀର ଚର୍ଚ୍ଚ ପରମ୍ପରା ଅନୁଯାୟୀ ଫେବୃଆରୀ ୧୪ ଖ୍ରୀଷ୍ଟାବ୍ଦ ୨୬୯ ମସିହାରେ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ, ଭାଲେଣ୍ଟାଇନ୍ ନାମକ ଦୁଇଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ମୃତ୍ୟୁ ପୂର୍ବରୁ ଭାଲେଣ୍ଟାଇନ କଓରାପାଳଙ୍କଙ୍କ ଝିଅକୁ ଏକ ପ୍ରେମ ପତ୍ର ଲେଖି ନିଜେ ସ୍ୱାକ୍ଷର କରିଥିଲେ ପତ୍ର ଶେଷରେ "ତୁମର ଭାଲେଣ୍ଟାଇନ '' ଲେଖାଥିଲା ଓ ଏହା ତା'ଙ୍କର ଅନାବିଳ ପ୍ରେମର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଜିର ସମାଜରେ ଉନ୍ମତ୍ତ ଯୁବକ ଯୁବତୀ ମାନେ ପ୍ରେମର ସଂଜ୍ଞା ନ' ଜାଣି କେବଳ କାମନା ବାସନାର ବଶବର୍ତ୍ତୀ ହେବା ସହିତ ନିଜର ପରମ୍ପରାକୁ ଭୁଲିଯାଇ ମେଣ୍ଢାଦଳ ଚାଲିଲା ପରି ଆଗକୁ ମାଡି ଚାଲିଛନ୍ତି ଓ 'ପ୍ରେମ ଦିବସ' ଏକ ପାଶ୍ଚାତ୍ୟ ପରମ୍ପରା ଏହା ସହିତ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବ୍ୟବସାୟିକ ଉଦେଶ୍ୟ ଜଡିତ, ଅନେକ ପ୍ରେମ ସମ୍ବଳିତ ରଙ୍ଗ ବେରଂଗର ଉପହାର ସାମଗ୍ରୀ ବିକ୍ରି ହେବ ଏହାର ଲାଭ କିଏ ପାଇବେ ? ସେଇ ବ୍ୟବସାୟୀ ଯେଉଁମାନେ ଏହାକୁ ଭାରତରେ ବହୁଳ ଭାବେ ପ୍ରସାରିତ କରୁଛନ୍ତି ଓ ଯେତେ "ପ୍ରେମ ଦିବସ" ପାଳନ ହେଉଛି ସେତେ ବିବାହ ବିଚ୍ଛେଦ ଦେଖିବାକୁ ମିଳୁଛି, ଏହାର କାରଣ କଣ ? ପ୍ରେମ ଯଦି ଶାଶ୍ୱତ ହୁଏ, ଭଲପାଇବାରେ ଯଦି କଳଙ୍କ ନ'ଥାଏ, ପରସ୍ପର ଭିତରେ ଯଦି ମନକୁ ମନ ମିଶୁ ଥାଏ ତେବେ ଏଇ ଲୋକଦେଖାଣିଆ "ପ୍ରେମ ଦିବସ" ର ଆବଶ୍ୟକତା ରହିଲା କେଉଁଠି ? ଥରେ ଗୋଟିଏ ସଭାରେ ସାମ୍ବାଦିକ ମାନେ ଚଳଚିତ୍ର ତାରକା ସାଇରଓବଓନୁଙ୍କୁ ପଚାରି ଥିଲେ ଏଇ ଭାଲେଣ୍ଟାଇନ ଡେ' ଦିନ ସେ ତା'ଙ୍କ ସ୍ୱାମୀ ଦିଲୀପ କୁମାରଙ୍କୁ କ'ଣ ଉପହାର ଦେଉଛନ୍ତି ? ଉତ୍ତର ଥିଲା ଫେବୃଆରୀ ୧୪ ଭାଲେଣ୍ଟାଇନ ଡେ' ଆମପାଇଁ ସବୁଦିନ ଥାଏ ତେଣୁ ଏଥିରେ ସ୍ୱତନ୍ତ୍ରତା କିଛି ନାହିଁ ଓ ଭଲପାଇବା କିଛି ଖରାପ ନୁହଁେ, ପ୍ରେମ ପାପ ନୁହଁେ, ତାଜମହଲ ଗଢ଼ିଥିବା ସାହାଜାହାନ ମଧ୍ୟ ପ୍ରେମର ପ୍ରତୀକ ଛାଡ଼ି ଯାଇଛନ୍ତି ଯାହାକି ଆଜି ବିଶ୍ୱରେ ସପ୍ତାଶ୍ଚର୍ଯ୍ୟ ଭିତରୁ ଏକ ସ୍ମାରକୀ ତଥା ଭାରତର ଗର୍ବ ଓ ଏହା ପଛର କରୁଣ କାହାଣୀ ଆଜି ବି ଅନେକ ଲୋକ ଜାଣିନାହାନ୍ତି ଧଳା ଶଙ୍ଖମର୍ମର ପ୍ରସ୍ତରର ପଛପଟେ କଳା ଇତିହାସ ଲୁଚି ରହିଛି ଓ ଭାଲେଣ୍ଟାଇନ ଦିବସ ନାମରେ ଉଚ୍ଛୃଙ୍ଖଳ ଆଚରଣ ନିଶ୍ଚିତ ଭାବେ ଆମ ସଂସ୍କୃତିକୁ ଖରାପ ସନ୍ଦେଶ ଦେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଓ ପ୍ରେମ ଯଦି ପ୍ରେମରେ ସୀମିତ ରହିଲା ତେବେ ଏହା ଗଙ୍ଗା ଜଳ ପରି ପବିତ୍ର, ପ୍ରେମ ଯଦି କାମନାର ରୂପ ନେଉଛି ତେବେ ଏହା ଭବିଷ୍ୟତରେ ପଶ୍ଚାତାପକୁ ନିମନ୍ତ୍ରଣ କରିବା ଛଡା ଆଉ କିଛି ନୁହେଁ ଓ କୋମଳମତି ଯୁବପିଢ଼ି ଇନ୍ଦ୍ରଧନୁର ସପ୍ତରଙ୍ଗକୁ ଦୂର ଦିଗ୍ୱଳୟରେ ଦେଖି ଭାସି ଯାଅନାହିଁ, ଏହା କ୍ଷଣସ୍ଥାୟୀ, ଭାଲେଣ୍ଟାଇନ ଦିବସକୁ ମୁଁ ବିରୋଧ କରୁନାହିଁ କିନ୍ତୁ ଅଶାଳୀନ ଆଚରଣ ଯଦି ହେଉଥାଏ ତାହା ସମାଜ ହୁଏତ ଗ୍ରହଣ କରିବ ନାହିଁ ଓ ପିତା ମାତା, ଗୁରୁଜନ, ଶିକ୍ଷକ ସମସ୍ତଙ୍କ ସହଯୋଗରେ ଆମ ଯୁବ ପିଢିଙ୍କୁ ଆମେ ସତ ମାର୍ଗରେ ପରିଚାଳିତ କରିବା ସହିତ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେଇ ପାରିବୁ ଓ ଛାଡ଼ନ୍ତୁ, ନାନା ମୁନିଙ୍କ ନାନା ମତ ତେଣୁ କାହାରି ଚକ୍ଷୁଶୂଳ ବା କ୍ରୋଧର ଶିକାର ହେବା ପୂର୍ବରୁ ଯଦି କାହାରିକୁ ବାଧିଲା ପରି ଲେଖିଥାଏ ନିସର୍ତ୍ତ କ୍ଷମା ଚାହୁଁଛି ଓ ଗଣତନ୍ତ୍ର ଶାସନରେ ସମ୍ବିଧାନକୁ ସମ୍ମାନ ଜଣାଇ ସମସ୍ତେ ନିଜ ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରିବା ଉଚିତ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ: ୯୯୩୭୧୭୪୦୯୭

# ହେୟାର ଷ୍ଟ୍ରେଟନିଂ ପ୍ରଡକ୍ଟରୁ କ୍ୟାନ୍ସର ହେବାର ବଡ଼ ବିପଦ: ରିସର୍ଚ୍ଚରୁ ଆଶ୍ଚର୍ଯ୍ୟକର ଖୁଲାସା



ଆମେରିକାର ବିଭିନ୍ନ ଅଦାଲତରେ ଅନେକ ମହିଳା ଆବେଦନ କରିଛନ୍ତି ଯେ, କେଶ ସିଧା କରିବା ପ୍ରଡକ୍ଟ ଅର୍ଥାତ୍ ପରମାନେଣ୍ଟ ହେୟାର ଷ୍ଟ୍ରେଟନିଂ ଏଜେଣ୍ଟରେ ସାମିଲ କେମିକାଲ ଯୋଗୁଁ ତାଙ୍କୁ କ୍ୟାନ୍ସର ଭଳି ମାରାତ୍ମକ ରୋଗ ହୋଇଛି । ଏବେ ଚିକାଗୋ କୋର୍ଟରେ ଏହି ଅଲଗା ଅଲଗା ଆବେଦନକୁ ଏକାଠି କରି ଶୁଣାଣି କରାଯିବ । ତେବେ ଅକ୍ଟୋବର ୨୦୨୨ ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥରେ କରାଯାଇଥିବା ଏକ ରିସର୍ଚ୍ଚରେ ଜଣାପଡିଛି ଯେ, କେଶକୁ ପରମାନେଣ୍ଟ ସିଧା କରିବା ପ୍ରଡକ୍ଟରେ ସାମିଲ କେମିକାଲ ଯୋଗୁଁ ମହିଳାମାନଙ୍କଠାରେ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍ସର ଯଥା ଗର୍ଭାଶୟ କର୍କଟ ରୋଗର ଅଭିଯୋଗ ଦେଖିବାକୁ ମିଳିଛି । ପ୍ରକୃତରେ ଏହି ରିସର୍ଚ୍ଚ ରାସାୟନିକ ଏବଂ ସ୍ତନ କର୍କଟ ଏବଂ ଓଭାରି କ୍ୟାନସର ମଧ୍ୟରେ ଲିଙ୍କ ଖୋଜିବା ପାଇଁ କରାଯାଇଥିଲା । କିନ୍ତୁ ଅନୁସନ୍ଧାନ ସମୟରେ ଡାକ୍ତରମାନଙ୍କୁ ବୁଝାପଡ଼ିଥିଲା ଯେ, ପ୍ରକୃତରେ ଏହି ରାସାୟନିକ କାରଣରୁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍ସର ଯଥା ଗର୍ଭାଶୟର କର୍କଟ ରୋଗ ବଢ଼ିବାରେ ଲାଗିଛି । ଆମେରିକାରେ ଗର୍ଭାଶୟ କର୍କଟ ବହୁତ କ୍ୱଚିତ୍ ଦେଖାଯାଏ, ଏହା କେବଳ ୩ % ମହିଳାଙ୍କଠାରେ ଦେଖାଯାଏ । ଏହି ରିସର୍ଚ୍ଚରେ ୩୫ ରୁ ୭୪ ବର୍ଷ ବୟସ୍କ ୩୩୪୯୭ ଆମେରିକୀୟ ମହିଳାଙ୍କୁ ସାମିଲ କରାଯାଇଥିଲା । ଏହି ରିସର୍ଚ୍ଚ ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ୧୧ ବର୍ଷ ପର୍ଯ୍ୟନ୍ତ ଅନୁସରଣ କରିଥିଲା । ଏହି ସମୟ ମଧ୍ୟରେ ଏହି ମହିଳାମାନଙ୍କ ମଧ୍ୟରେ ୩୭୮ ଜଣ କ୍ୟାନ୍ସରର ଶିକାର ହୋଇଥିଲେ । ଏହି ରିସର୍ଚ୍ଚରେ ଜଣାପଡିଛି ଯେ, ସାଧାରଣତଃ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ମହିଳାମାନଙ୍କର କ୍ୟାନ୍ସର ରୋଗ ହେବାର ୧.୬୪% ସମ୍ଭାବନା ଥାଏ, କିନ୍ତୁ ଏପରି ରାସାୟନିକ ପଦାର୍ଥ ବ୍ୟବହାର କରୁଥିବା ମହିଳାଙ୍କ କ୍ଷେତ୍ରରେ ଏହି ବିପଦ ୪.୦୫% କୁ ବୃଦ୍ଧି ପାଇଥାଏ । ଧରାମଶିଲା ହସ୍ପିଟାଲର ଡକ୍ଟର ଅନସୁମାନଙ୍କ ଅନୁଯାୟୀ, ଏହି ପ୍ରଡକ୍ଟରେ ବିସଫେନୋଲ ଏ ଏବଂ ଫର୍ମାଲଡିହାଇଡ ମିଳିଥାଏ । ଉଭୟ କ୍ୟାନ୍ସର ରୋଗ ପାଇଁ ଦାୟୀ ବୋଲି ଅଲଗା ଅଲଗା ରିସର୍ଚ୍ଚରେ ଜଣାପଡିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗୁରୁତ୍ୱପୂର୍ଣ୍ଣ ବିବେଚନା ଜରୁରୀ...

ଗରିବ ଲୋକମାନଙ୍କ ପାଇଁ ଚିନ୍ତା କରିବା କ୍ୱଚିତ୍ ଏକ ସରଳ କାର୍ଯ୍ୟ ହୋଇଥାଏ, ଯେତିକି ବାହାରକୁ ଦେଖାଯାଇଥାଏ। ଏଥିରେ ଅନେକଗୁଡ଼ିଏ ସୂକ୍ଷ୍ମ କଥା ରହିଥାଏ। ଗତ ନିର୍ବାଚନ ବର୍ଷ ୨୦୧୯ରେ ଗରିବମାନଙ୍କ ବିଷୟରେ ନରେନ୍ଦ୍ର ମୋଦୀଙ୍କ ସରକାର ଗଭୀର ଚିନ୍ତା କରୁଥିଲେ। ଏ ସମୟରେ ସରକାର କେବଳ ସମାଜରେ 'କ୍ରିମି' ଲେୟାର ବା 'ସ୍ୱଚ୍ଛଳ' ବର୍ଗଙ୍କ ତଳେ ରହୁଥିବା ପଛୁଆ ବର୍ଗଙ୍କ ପାରିବାରିକ ଆୟର ସୀମାକୁ ବୃଦ୍ଧି କରିବା କଥା ଚିନ୍ତା କରୁନଥିଲେ, ବରଂ ଅଣ-ସଂରକ୍ଷିତ ବର୍ଗ ବା ଉଚ୍ଚ ଜାତିର ଅର୍ଥନୀତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ, ଅର୍ଥାତ ଗରିବ ଲୋକମାନଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା କଥା କହୁଥିଲେ। କିନ୍ତୁ ବର୍ତ୍ତମାନ ସମୟରେ କଥା ଅଲଗା ଦିଗକୁ ମୋଡ଼ ନେଇ ଯାଇଛି। ଦେଶର ସ୍ଥାନ ସଂରକ୍ଷଣ ସହିତ କର୍ମନିଯୁକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଭା ହୋଇଛି। ଆଉ ସର୍ବୋପରି ରହିଛି ଶ୍ରମିକମାନଙ୍କ କଥା, ଯେଉଁମାନେ ସେମାନଙ୍କର ମଜୁରି ଦୃଷ୍ଟିରୁ ସାମ୍ପ୍ରତିକ ସମୟରେ ଏକ ଦୋଦୁଲ୍ୟମାନ ଅବସ୍ଥାରେ ଗତି କରୁଛନ୍ତି। ଶ୍ରମିକମାନେ କାମ କରିଥାନ୍ତି ଭଲ ମଜୁ ପାଇ ଶାନ୍ତିରେ ସେମାନଙ୍କ ପରିବାର ଚଳାଇବାକୁ। ଅର୍ଥାତ ବଂଚିବାପାଇଁ ସେମାନଙ୍କ ମଜୁରି ସମ୍ପର୍କିତ ଧାରଣା କିଛି ନୂଆ ନୁହେଁ। ଭାରତରେ ସ୍ୱାଧୀନତା ପରଠାରୁ ଏଭଳି ମଜୁରି ସହିତ ସର୍ବନିମ୍ନ ମଜୁରି ଏବଂ ଏକ ଉଚିତ୍ ମଜୁରିର ଧାରଣା ସମ୍ପର୍କରେ ଆଲୋଚନା ହୋଇଆସୁଛି। ସର୍ବନିମ୍ନ ମଜୁରି ସାଧାରଣତଃ ବଂଚିବାର ଆବଶ୍ୟକତା ଏବଂ ଖାଦ୍ୟରେ ସର୍ବନିମ୍ନ କ୍ୟାଲୋରୀ ରହିବାର ଆବଶ୍ୟକତା ଆଧାରରେ ହିସାବ କରାଯାଇଥାଏ। ଅପରପକ୍ଷରେ, ଜୀବନ ନିର୍ବାହ କରିବା ବା ବଂଚିବାର ମଜୁରିକୁ ସର୍ବନିମ୍ନ ମଜୁରିଠାରୁ ଅଧିକ ପରିମାଣର ହେବା ଭାବରେ ହିସାବ କରାଯାଇଥାଏ, ଯାହା ଭିତରେ ଅନ୍ତର୍ଭୁକ୍ତ ଥାଏ ଖାଦ୍ୟ ଓ ବସ୍ତ୍ରର ଆବଶ୍ୟକତା ବାଦ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ ଏବଂ ବାସଗୃହ ଭଳି ଆବଶ୍ୟତାଗୁଡ଼ିକ ଉପରେ କରାଯାଉଥିବା ଖର୍ଚ୍ଚ। ଉଚିତ୍ ମଜୁରିକୁ ସାଧାରଣତଃ ବଂଚିବାର ମଜୁରି ଏବଂ ସର୍ବନିମ୍ନ ମଜୁରିର ମଝାମଝି ଏକ ହିସାବ ଭାବରେ ଗ୍ରହଣ କରାଯାଇଥାଏ। ୨୦୧୮ରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଭାରତ ମଜୁରି ରିପୋର୍ଟରେ ଭାରତରେ କିପରି ସର୍ବନିମ୍ନ ମଜୁରି ହିସାବରେ କେତେକ ତ୍ରୁଟି ରହିଥିଲା, ତାହା ଦର୍ଶାଇଥିଲା। ଭାରତରେ ବଂଚିବାର ମଜୁରି ସ୍ପଷ୍ଟ ଭାବରେ ଅନେକ ପ୍ରକାରର କର୍ମନିଯୁକ୍ତି ପାଇଁ ଅନୁମୋଦିତ ସର୍ବନିମ୍ନ ମଜୁରିଠାରୁ ଉଲ୍ଲେଖନୀୟ ଭାବରେ ଅଧିକ ହେବା ଆଶା କରାଯାଏ। ଉଦାହରଣ ସ୍ୱରୂପ, ଏକ ଶ୍ରମିକ ସଂଗଠନ, ଭାରତୀୟ ମଜଦୁର ସଂଘ ଚାହେଁ ଯେ ବଂଚିବାର ମଜୁରି ଦେଶର ଅର୍ଥନୀତିରେ ଗ୍ରହଣ କରାଯାଉଥିବା ସର୍ବାଧିକ ବେତନର ନିହାତି କମରେ ୧୦ ପ୍ରତିଶତ ହେବା ଆବଶ୍ୟକ। ତେବେ ଏଥିରେ ଯେଉଁ ଚତୁରତାପୂର୍ଣ୍ଣ ପ୍ରସଙ୍ଗଟି ନିହିତ, ତାହା ହେଉଛି, ଏହିପରି- ବଂଚିବାର ମଜୁରି କିଏ ପ୍ରଦାନ କରିବେ ? ଅର୍ଥାତ ଏହି ମଜୁରି ସରକାର ଦେବେ ନା ସିଧାସଳଖ ଭାବରେ କର୍ମନିଯୁକ୍ତି ପ୍ରଦାନକାରୀ ଦେବେ ? ସରକାରଙ୍କ ଆଡ଼କୁ ଯଦି କଥା ଯାଏ, ତା'ହେଲେ ଏଭଳି ଏକ ଯୋଜନାର ଆର୍ଥିକ ନିହିତାର୍ଥ ସରକାରୀ ଋଣ ଭାରର ଆକାର ଉପରେ ଏକ ବଡ଼ ଧରଣର ବୋଝ ଲଦି ଦେଇପାରେ। ଅନ୍ୟପକ୍ଷରେ, ଘରୋଇ କ୍ଷେତ୍ରର ନିଯୁକ୍ତିଦାତାମାନେ ସେମାନଙ୍କ ବ୍ୟବସାୟରେ କମ୍ ଲାଭ ହେବା ଆଶଙ୍କାରେ ଆବଶ୍ୟକୀୟ ମଜୁରିଠାରୁ ଅଧିକ ମଜୁରି ଦେବା ପାଇଁ କୁଣ୍ଠିତ ହେବେ। ଜୀବନ ଧାରଣର ମଜୁରି ସମ୍ପର୍କିତ ଅବଧାରଣା ଅନେକ ସମୟରେ କୁହାଯାଉଥିବା ସାର୍ବଜନନୀ ମୌଳିକ ଆୟ ନିମନ୍ତେ ଜଣକର କାମ କରିବାର ଆବଶ୍ୟକତା ରହିଥିବାବେଳେ ଏକ ସାର୍ବଜନୀନ ମୌଳିକ ଆୟ ନିମନ୍ତେ ଜଣକର କାମ କରିବାର ଆବଶ୍ୟକତା ନାହିଁ। ଜୀବନ ଧାରଣ କରିବାର ମଜୁରି ନୈତିକତା ଦୃଷ୍ଟିରୁ ଏକ ଉଚ୍ଚତର ଧାରଣା, କାରଣ ଏ କ୍ଷେତ୍ରରେ ମାଗଣାରେ ଭୋଜନ କି ଅନ୍ୟାନ୍ୟ ସୁବିଧା ହାସଲ କରାଯାଇନଥାଏ ବା ଦିଆଯାଇନଥାଏ। ଏକ ଅର୍ଥନୀତିରେ ଖାଉଟି ସାମଗ୍ରୀଗୁଡ଼ିକର ସାମଗ୍ରିକ ଚାହିଦା ସେହି କ୍ଷେତ୍ରରେ ବୃଦ୍ଧି ପାଇଥାଏ,ଯେଉଁ କ୍ଷେତ୍ରରେ ଆୟର ଅସମାନତା ଯଥେଷ୍ଟ କମ୍ ରହିଥାଏ। ତେଣୁ ଶ୍ରମିକମାନଙ୍କ ମଜୁରିରେ ଅଧିକ ଅନ୍ତର ଖାଉଟି ସାମଗ୍ରୀର ଚାହିଦାକୁ ପ୍ରଭାବିତ କରିଥାଏ, ଯାହା ପରୋକ୍ଷରେ ଅର୍ଥନୀତିକୁ ଦ୍ରୁତ ଗତିରେ ଅଗ୍ରସର ହେବାରୁ ନିବୃତ୍ତ କରିଥାଏ। ଆଶା କରାଯାଏ ଯେ ଆଦର୍ଶଗତ ଭାବରେ ପ୍ରତ୍ୟକ୍ଷ କର୍ମନିଯୁକ୍ତିଦାତାମାନେ ଏକ ବଂଚିବାର ମଜୁରି ପ୍ରଦାନ କରିବା ଉଚିତ୍ ଏବଂ ଏଥିପାଇଁ ସରକାର କର୍ମନିଯୁକ୍ତିଦାତାଙ୍କ ଉପରେ କମ୍ ପରିମାଣର ଟିକସ ଧାର୍ଯ୍ୟ କରି ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇପାରନ୍ତି। ତେବେ ଯଦି ଜଣେ ଶ୍ରମିକ ତାଙ୍କର କର୍ମନିଯୁକ୍ତି ହରାନ୍ତି, ତା'ହେଲେ ସେ ବଂଚିବାର ମଜୁରି ମଧ୍ୟ ହରାଇବେ। ଏଭଳି କ୍ଷେତ୍ରରେ ବ୍ୟକ୍ତିଗତ ସଂଚୟ ତାଙ୍କର ଜୀବନ ଧାରଣ ନିମନ୍ତେ ପର୍ଯ୍ୟାପ୍ତ ହେବ କି ? ନା ଏକ ସାମାଜିକ ସୁରକ୍ଷା ଜାଲର ଗୁରୁତ୍ୱ ସେତେବେଳେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ? ଯେଉଁ ଅର୍ଥନୀତିରେ ବଂଚିବାର ମଜୁରି ସମ୍ପର୍କିତ ଧାରଣାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ବିବେଚନା କରାଯିବା ଉଚିତ୍।

## ସଭ୍ୟତାର ମାନଦଣ୍ଡ



ଅଧ୍ୟାପକ ଗୋପବନ୍ଧୁ

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି। ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି। ତଥାପି ଏହା ଅଟକି ଯାଇନାହିଁ। ଶ୍ରେଷ୍ଠରୁ ଶ୍ରେଷ୍ଠତରର ସନ୍ଧାନରେ ଏହା ଆଗେଇ ଚାଲିଛି। ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମ୍ପନ୍ନତା ସହିତ ଜଡିତ। ବିଚାରବୁଦ୍ଧି ସମ୍ପନ୍ନତା ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ। ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଶୁ ବୋଲି ଗ୍ରହଣ କରିନିଏ, ତାକୁହିଁ ଅନୁସରଣ କରିବା ଆରମ୍ଭ କରେ। ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ। ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡେ। ଏହା ବୌଦ୍ଧିକ ସଂର୍ଘଷ ହେଲେବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ।

ସଭ୍ୟତାର ବିକାଶ ପଥରେ ବହୁ ସଂର୍ଘଷ ହୋଇଛନ୍ତି। ଏହା ବହୁ ଶତାବ୍ଦୀ ଧରି ଚାଲିଛି। ବହୁ ମାନସ ମନ୍ଥନ ହୋଇଛି। ସଭ୍ୟତାର ମାପକାଠି କଣ ହେବ ? କାହାକୁ ସଭ୍ୟତା କୁହାଯିବା ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନ ଗୁଡିକ କଣ ହେବ ? ଏହାକୁ ନେଇ ତର୍କବିତର୍କ ହୋଇଛି। ବହୁ ଚିନ୍ତକ ଲେଖନୀ ଚାଳନା କରିଛନ୍ତି। ବହୁ ସମାଜ ସଂସ୍କାରକ ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି। କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି। ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି। ଅଧିକାର ପାଇଁ ଲଢେଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି। ଅବଶେଷରେ ସଭ୍ୟତାର ତିନୋଟି ରତ୍ନ ଉଭାସିତ ହୋଇଛି। ସେଗୁଡିକ ହେଉଛି ସମାନତା (ଇକ୍ୱାଲିଟି), ସ୍ୱତନ୍ତ୍ରତା (ଲିବାର୍ଟି) ଓ ଭାତୃତ୍ୱଭାବ (ଫ୍ରେଟାରନିଟି)।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ। ଏଗୁଡିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ। ଏହି ଗୁଣ ଗୁଡିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ ପୃଥକ କରିଥାଏ ଓ ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡିତ। ଯାହାର ମନରେ ଏହି ଗୁଣ ଗୁଡିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ ବିବେଚିତ ହୋଇପାରିବ ନାହିଁ। ସଭ୍ୟତା କେବଳ ଚାକଚକ୍ୟ ଘର ଓ ଦାମୀ ପୋଷାକ ପରିଚ୍ଛେଦରେ ନଥାଏ। ଏହା ଏକ ଅନ୍ତର୍ନିହିତ ଭାବନା। ଏହା ଏକ ଗୁଣାତ୍ମକ ଲକ୍ଷଣ। ଜଣେ ହତ୍ୟାକାରୀ ଅଥବା ଡକାୟତ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ଚାକଚକ୍ୟ ପରିବେଶ ଭିତରେ ରହୁଥାଇପାରେ, କିନ୍ତୁ ତାକୁ ଜଣେ ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ। ଜଣେ ଗରିବ କୁଡିଆ ଘରେ ରହୁଥିଲେ ବି ସେ ତାର ଉତ୍ତମ ବ୍ୟବହାର ଓ ଏହି ମାନବୀୟ ଗୁଣ ଗୁଡିକର ଅନୁସରଣ ଜରିଆରେ ସୁସଭ୍ୟଭାବେ ବିବେଚିତ ହେବା ସ୍ୱାଭାବିକ।

ୟୁରୋପ୍ ରେ ଆରମ୍ଭ ହୋଇଥିବା ରେନାଁସାର ଅନ୍ତିମ ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ। ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସି ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନର ରୂପ ନେଇଥିଲା। ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ। ଯେଉଁ ସମାଜରେ ସମାନତା, ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ। ଏହାପରେ ବିଶ୍ୱବାସୀଙ୍କୁ ମିଳିଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟମକ। ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନର ପରିପନ୍ଥୀ ଅଥବା ବହୁ ପଛରେ ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ। ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ। ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟଦା ପାଇବାକୁ ହକଦାର। ବ୍ୟକ୍ତି ତାହାର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ। ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଞ୍ଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ। ଆର୍ଥିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ। ଶିକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ। କିନ୍ତୁ ସାମାଜିକ ଭାବେ କୌଣସି ବୈଷ୍ୟମ ଗ୍ରହଣୀୟ ନୁହେଁ। ସାମାଜିକ ବୈଷ୍ୟମ ସଭ୍ୟତାର ପରିପନ୍ଥୀ। ଧର୍ମ ନାମରେ ନିଜକୁ ଶ୍ରେଷ୍ଠ ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ। କୌଣସି ସମ୍ପ୍ରଦାୟ ଓ ଅଞ୍ଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ କହିବା ଅର୍ଥ ସଭ୍ୟତାକୁ ଅସ୍ୱୀକାର କରିବା। ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନତର କହିବା ମଧ ଅସଭ୍ୟତାର ପରିଚାୟକ।

ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧିନତା। ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚୀତ କରେ। ସ୍ୱାଧୀନତା ତାର ଜନ୍ମଗତ ଅଧିକାର। ସ୍ୱାଧିନତା କହିଲେ ସ୍ୱେଚ୍ଛାଚାରକୁ ବୁଝାଏ ନାହିଁ। ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ। ବ୍ୟକ୍ତି ନିଜ ପାଇଁ ଯେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ ସେଗୁଡିକ ତାର ସ୍ୱାତନ୍ତ୍ରତାର ଅନ୍ତର୍ଗତ ଅଟେ। ସେ କଣ ଖାଇବ, କଣ ପିନ୍ଧିବ, କେଉଁ ବୃତ୍ତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତାର ନିଜସ୍ୱ ଅଧିକାର। ଏହାକୁ ରାଷ୍ଟ୍ର ନା ସମାଜ କେହି ବାରଣ କରିପାରିବେ ନାହିଁ। ଏହାକୁ କୌଣସି ଧର୍ମ ନା ଜାତି ବାଧା ଦେଇପାରିବ। ଯେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କଣ ଖାଇବେ, କଣ କରିବେ ଇତ୍ୟାଦି ଏହା ବ୍ୟକ୍ତି ସ୍ୱାତନ୍ତ୍ରତାକୁ କ୍ଷୁର୍ଣ୍ଣ କରେ। ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ଯୁବକ ବା ଯୁବତୀ କାହାକୁ ବାହା ହେବ କିମ୍ବା ତାର ଇଚ୍ଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ରତାକୁ ବ୍ୟାହତ କରେ। ଆମ ଦେଶରେ ଆନ୍ତଃ ଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଞ୍ଚାୟତ ଏହାର ଜ୍ୱଳନ୍ତ ଉଦାହରଣ।

ତୃତୀୟ ଉପାଦାନ ହେଉଛି ଭାତୃତ୍ୱଭାବ। ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା। ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ। ସମସ୍ତଙ୍କ ମଧ୍ୟରେ ଭାତୃତ୍ୱଭାବ ଯେତେ ନିବିଡ଼ ହୁଏ ସମାଜ ସେତେ ଐକ୍ୟବଦ୍ଧ ହୁଏ। ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ। ବିଶ୍ୱଶାନ୍ତି ପାଇଁବି ଏହା ଜରୁରୀ। ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ। ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସଭ୍ୟ ସମାଜ ବୋଲି କହିହେବ ନାହିଁ। ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ। କାରଣ ବିଶୃଙ୍ଖଳା ଅଧପତନର କାରଣ ହୁଏ। ତେଣୁକରି ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଇଛି। ଭାତୃତ୍ୱଭାବର ପ୍ରସାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାଯାଇଛି। ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି। ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ। ଆମ ସମସ୍ତଙ୍କ ପାଇଁ ଆତ୍ମ ଚିନ୍ତନର ମାର୍ଗଦର୍ଶକ। ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନକରେ ତଉଲିବାର ଅଛି ଓ ଅନୁଭବ କରିବାର ଅଛି ଯେ ଆମେ ପ୍ରକୃତରେ କେତେ ସୁସଭ୍ୟ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

## ପ୍ରଣୟ ପରମ ବେଦଃ



ଉମେଶ ଚନ୍ଦ୍ର ପାତ୍ର

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

+ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭




### ଭ୍ୟାଲେଣ୍ଟାଇନ୍

**ଦିନେଶ ମେହେର**

ଦେଖୁଛ ତ,
ଏମିତି ଆଉ ଗୋଟେ ବର୍ଷ ବିତି ଗଲା
ତମ ସହ।
ଭାରି ନିଛାଟିଆ ଲାଗୁଥିଲା
ତମେ ନଥିଲା ବେଳେ,
ଏକୁଟିଆ ରହିବାର ଯନ୍ତ୍ରଣା ବୋଧେ
ଅଭ୍ୟାସରେ ପରିଣତ ହେଇ
ଯାଇଥିଲା !
ସେଦିନ
ତମେ ଆସିଲ
ଫଗୁଣ ଆସିଲା,
ଫୁଲ ଫୁଟିଲା
ମୋ ଦୁନିଆ ମହକିଗଲା।
କେତେ ଦିନର ସ୍ୱପ୍ନ ସତ ହେଇ
ବାସ୍ତବ ସାଜିଲା,
କାନ୍ଦୁଥିବା ଦୁଇ ଆଖି ହସିଲା
ତୁମକୁ ପାଇ,
ତୁମ ପ୍ରେମ ପାଇ।
ସତରେ ଅନାମିକା,
କଣ ନ କରିଛ କହିଲ,
କାନ୍ଦୁଥିଲେ ହସେଇଛ
ହସୁଥିଲେ ନିଜେ ତାଳ ଦେଇ ହସିଛ।
ଦିନେ ଦିନେ ଏତେ ଭଲ ପାଇବା
ଦେଇଛ ଯେ
ମୋ ଅବସ୍ଥା ପୁରା ବେହାଲ୍,
ଆଉ ଦିନେ ଦିନେ
ଏମିତି କନ୍ଦେଇଛ ଯେ
କାନ୍ଦି କାନ୍ଦି ମୁଁ ତ ପୁରା ବେଦମ୍।
ସୁଖ ଦୁଃଖ ର ସାଥି ଟେ ହେଇ
ତମେ ତମର ସର୍ବସ୍ୱ କୁ ମୋ ଆଗରେ
ଉତ୍ସର୍ଗ କରିଦେଲା ପରେ ବି
ନା ତମକୁ ମୁଁ କିଛି ଦେଇଛି
ନା ଦେବାର ସାମର୍ଥ୍ୟ ରଖିଛି,
କିନ୍ତୁ
କେବଳ ଦେଇଚାଲିଛି
ଅପ୍ରମିତ ପ୍ରେମ।

+ଜୁନାଗଡ, କଳାହାଣ୍ଡି।

### ପ୍ରେମ

**ରମାକାନ୍ତ ଦାସ**

ପ୍ରେମ,
କେବେ ଅକୁହା ମନର ଆଲୋକ
କେବେ ମନ ବନଫୁଲ ମହକ ।

ପ୍ରେମ ,
କେବେ ମନର ଅଲେଖା ସ୍ପନ୍ଦନ
କେବେ ସୁନାଝରା ମୋଖଆ ସପନ।

ପ୍ରେମ,
କେବେ ସାଗର ପରି ଗଭୀର
କେବେ ଅଭିମାନ,କେବେ ଅନ୍ଧାର ।

ପ୍ରେମ ,
କେବେ ସଂଜ୍ଞାହୀନ ପରିଭାଷା
କେବେ ବିରହ ଅଗ୍ନିର ବର୍ଷା ।

ପ୍ରେମ ,
କେବେ ଭାବନା ଦୁଇମନର
କେବେ ପ୍ରତାରଣାର ସହର ।

ପ୍ରେମ,
କେବେ ଦୁଇଟି ହୃଦୟ ମିଳନ
କେବେ ଶ୍ୱାଶତ,କେବେ ଚିରନ୍ତନ।

ପ୍ରେମ ,
କେବେ ଅସମ୍ପୂର୍ଣ୍ଣ କାହାଣୀ
କେବେ ବିଷାଦର ରାଗିଣୀ ।

ପ୍ରେମ ,
କେବେ ଅଭୁଲା ସ୍ମୃତିର ସ୍ମାରକ
କେବେ ପ୍ରୀତିର ପହିଲି ପୁଲକ ।

ପ୍ରେମ ,
କେବେ ଅଭିମାନର ଲୁହ
କେବେ ଅକୁହା ମନର କୋହ ।

ପ୍ରେମ,
କେବେ ଚୋରା ଚଇତିର ବାସ୍ନା
କେବେ ବିରହର ବେଦନା ।

ପ୍ରେମ ,
କେବେ ଚାନ୍ଦ୍ରମାର ଶୀତଳ କିରଣ
କେବେ ଭାଙ୍ଗିଯାଇଥିବା ରାଣ ।

ପ୍ରେମ ,
କେବେ ଅତୀତର ପ୍ରତିସ୍ମୃତି
କେବେ ସ୍ମିତହାସ୍ୟପୂର୍ଣ୍ଣ ଶଶୀ ।

+ଉତ୍କଳ ବିଶ୍ୱବିଦ୍ୟାଳୟ ,
ବାଣୀବିହାର, ଭୁବନେଶ୍ୱର
ମୋ -୯୬୬୮୮୧୫୩୬୯

### ଶାଶ୍ୱତ ପ୍ରେମ

**ରମେଶ ଚନ୍ଦ୍ର ନାୟକ**

ତୁମକୁ ଯେବେଠୁ ଭଲ ମୁଁ ପାଇଛି
ଅନ୍ୟ ଝିଅମାନେ ଯାଆନ୍ତି ରଷି ,
ବଗିଚାକୁ ଗଲେ ଫୁଲ ଲାଜ କରେ
ପତ୍ର ଉହାଡରେ ଲୁଚନ୍ତି ବସି ।

ଜୋଛନା ରାତିରେ ଥିଲେ ତୁମ ସାଥେ
ଆକାଶରେ ଜହ୍ନ ବାଦଲେ ଲୁଚେ ,
କଇଁକୁ କହେ ସେ ଅସୁନ୍ଦର ବୋଲି
ଆମ ପ୍ରେମ ଦେଖି ଇର୍ଷାରେ ନାଚେ ।

କଳା ମେଘ ଆଉ ପାଏ ନାହିଁ ଭଲ
ଶ୍ରାବଣ ଦେହରେ ଲଗାଏ ନିଆଁ ,
ଦେଖି ଆମ ପ୍ରେମ ଝଗଡ଼ା ଲାଗନ୍ତି
ଦିନ ରାତି ସେତ ହୋଇ ଛାନିଆ ।

ନଦୀ ଭୁଲିଯାଏ ସାଗର ଠିକଣା
କୁଳୁ କୁଳୁ ନାଦ ଜୁଆର ହଜେ ,
ବାଟବଣା କରେ ଆମରି ମିଳନ
ଶାଶ୍ୱତ ପ୍ରେମର ଠିକଣା ଖୋଜେ ।
ଥିଲେ ଆମେ ଦୁହେଁ
ଆମ୍ବ ତୋଟା ବଣେ
ଗାଏନି କୋଇଲି ବସନ୍ତେ ଗୀତ ,
ଆମ ଗୀତ ଶୁଣି ଇର୍ଷାରେ କହନ୍ତି
ଦେଖି ନାହୁଁ କେବେ ଏମିତି ମିତ ।

ହୋଲି ଖେଳୁଥିଲେ ଫଗୁଣରେ ଆମେ
ରାଧା କୃଷ୍ଣ ପ୍ରେମ ମଉଳି ଯାଏ ,
ବାଟେ ଘାଟେ ଯିଏ ଦେଖଇ ଆମକୁ
କହନ୍ତି ଏ ପ୍ରେମ ନିଆରା ଥାଏ ।

+କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

### ଫଗୁଣ ହସୁଛି

**ଜଗଦୀଶ ସାହୁ**

ଫୁଲ ବଗିଚାରେ ଫଗୁଣ ହସେ
ରୁପରେ ଆହାଃକି ସୁନ୍ଦର ଦିଶେ
ମଳୟ ପ୍ୱନ ବହୁଛି ଧୀରେ
ଶୀତଳ ପରଷ କିମିଆଁ କରେ
ପଳାଶ ଫୁଲଟି ମନକୁ ମୋହେ
ଦେଖି ଆନମନା ପଥିକ ହୁଏ

ବାସ ମହମହ ଆମ୍ବ ବଉଳ
ଗୁଣୁଗୁଣୁ ମହୁମାଛି ଚହଳ
ଲୁଚକାଳି ଖେଳେ ଚୋରା ବସନ୍ତ
କାନରେ ବାଜୁଛି କୋଇଲି ଗୀତ
ଆମ୍ବ ଓହଳିଛି ଆମ୍ବ ଡାଳରେ
ପ୍ରକୃତିର ଏଇ ଶୋଭା ବେଳରେ

ଭକତ ଭିଡ଼ରେ ଶିବ ମନ୍ଦିର
ସାଜସଜ୍ଜା ହୋଇ ଦିଶେ ସୁନ୍ଦର
ମହାଶିବରାତ୍ରୀ ଯୋଗ ପଡିଛି
କେତକୀ ଓଠରେ ହସ ଖେଳୁଛି
ଶିବଙ୍କ ପାଖରେ ଲାଗି ହୋଇବ
ଏତେ ବଡ଼ଭାଗ୍ୟ ଦେଲା ଦଇବ

ଶହଶହ ଦ୍ୱୀପ ଜଳେ ହରଷେ
ମନ୍ଦିର ବେଢାଟି ଉଜ୍ୱଳ ଦିଶେ
ଏଇ ମାସେ ପଡେ ଦୋଳ ପୁନେଇଁ
ବିମାନରେ କାହ୍ନୁ ସଙ୍ଗରେ ରାଇ
ଭକତ ସାଥିରେ ଘରକୁ ଘର
ବୁଲିବାର ଶୋଭା କେଡେ ସୁନ୍ଦର

ଫଗୁ ଖେଳିବାର ଆନନ୍ଦ ଯେତେ
କଥାରେ କିଏବା କହିବ କେତେ
କୃଷ୍ଣ ଆଶୀର୍ବାଦ ପାଇଁ ଧରାରେ
ସୁଖ ଶାନ୍ତି ଥାଉ ସବୁରି ଘରେ
ହସ ଖୁସି ଏଇ ଫଗୁଣ ମାସ
ହରିହରଙ୍କର ମିଳୁ ଆଶିଷ !!

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬

# କବିତାମାଳା

## ମଣିଷ ଯନ୍ତା
### ଅରୁଣ କୁମାର ସାହୁ



ସଜକର କରତ ହାତୁଡ଼ି କଣ୍ଟା
କାଠ ଗଣ୍ଡି ଚୋରାରେ ଗଡୁଛି
ଇଟା କାନ୍ଥରେ ଯନ୍ତା ବସେଇବା
କାଠଘରେ ରହିବାର ସଉକ ହେଲାଣି
କୋଟିକୋଟି ଟଙ୍କାର ଯନ୍ତାରେ ଏବେ
ଲୋକେ ରହିଲେଣି ।

ଝରକା ନିବୁଜ କର ଏସି ଚାପିଦେଇ
କବାଟ ଖୋଲା ରଖ କାଚ ରନ୍ଧ୍ର ଦେଇ
ପବନ ପସିବା ମନା ଖୋଲାରେ ଖୋଲାରେ
ମଣିଷ ଆସିବା ମନା ଚିହ୍ନାରେ ଚିହ୍ନାରେ
ଭାଇବନ୍ଧୁ ଆସିବା ମନା ବିନା ସୂଚନାରେ
ସମ୍ପର୍କ ଉଷୁମ ହୁଏ ଅଗ୍ରୀମ ନାମ ଦରଜରେ
କିଚେନରେ ଖାଦ୍ୟ ନାହିଁ ଅଭ୍ୟାଗତ ପାଇଁ ।

ସାମନା ଫ୍ଲାଟରେ ମରିଛି ମାଆ
ମଡା କାନ୍ଦଣା ଓ ଅସହାୟତାର କଇଁ କଇଁ ଶବ୍ଦ
ଏ ଘରେ ଜନ୍ମଦିନର ପାର୍ଟି କୋଳାହଳ
ସେ ଘରେ ଶୂନ୍ୟତାର ଧୂମା ଆଲୁଅରେ

ରଙ୍ଗୀନ୍ ପାଣିରେ ଶୋଇଛି ଏକୁଟିଆ ପଣ
ଜରାଗ୍ରସ୍ତ ବୃଦ୍ଧବୃଦ୍ଧା ଆଉ ଘରେ ବନ୍ଦୀ
ମୋଟା ସମୟ ଶିକୁଳିରେ ହାତଗୋଡ ବେଡି
କେ ବସିଛି ଲିଭ-ଇନ-ରିଲେସନର ବନ୍ଦ
କୋଠରୀରେ
ସମ୍ପର୍କରୁ ଅଧା ଛାଡି ଆଉ ଅଧେ କିଣି ।

ଘର ଯନ୍ତାରୁ ଲିଫ୍ଟ ଯନ୍ତା
ତଳେ ଠିଆ କାର୍ ଯନ୍ତା ଦୌଡିବାକୁ ସଜ
ଦପ୍ତର ଯନ୍ତା କାଠର ଆକଟ
ସନ୍ଧ୍ୟା ବିତେ ମଲ ଓ ହୋଟେଲ ଯନ୍ତାରେ

ଯନ୍ତାରୁ ଯନ୍ତା ଦେଇ ଫେରିବାକୁ ହୁଏ
ରାତିଟାତ ପୁଣି କାଟିବାକୁ ହେବ
କୋଟିକୋଟି କଳା କାରନାମାର
ନିର୍ମିତ ନିର୍ଣ୍ଣିତ ଯନ୍ତାରେ ।

ସମୟ ବଦଳି ଗଲାଣି
ପଶୁ ନାହାନ୍ତି ସର୍କସ ଯନ୍ତାରେ
ଅବଶିଷ୍ଟ ଜୀବିତ ଏବେ ଅଭୟାରଣ୍ୟରେ
ମଣିଷ ପିଞ୍ଜରାବଦ୍ଧ ଇଟା ଏବଂ
କାଠର ଯନ୍ତାରେ
କେତେବେଳେ ଯିଅନ୍ତା ମଣିଷ ସବୁ କାଠ
ହୋଇଗଲେ
ଏ ରୂପାନ୍ତରିତ ଅବସ୍ଥାନ୍ତର
ଅବଧାରିତ କ୍ରମଶଃ ବିନାଶ
ହୃଦୟ ଦୁକ୍ ଦୁକ୍ ମାପଟା ଏବେ ଖୁବ୍ ସିଧା
କାଠ ହୃତପିଣ୍ଡ ଯେ ସତରେ ସମ୍ଭବ
କେହି କ'ଣ
ଏକଥା କେବେ କହିଲାକି ଦିନେ !

♥ ଡିଜିଏମ( ନାଲକୋ)
ମୋ:୯୪୩୭୧୫୫୬୧୭

## ଫଗୁଣ ! ତୁ ଯେବେ ଆସୁ
### ଶରତ କୁମାର ଦାସ



ଯେବେ ତୋ' ପାଦର ପାଉଁଜି ଶୁଭେ
ଥରିଉଠେ ଛାତି ବାରମ୍ବାର
ଦୋହଲିଯାଏ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ
ଚୂରମାର ହୁଏ ମୋ' ଭାବନାର ଶକ୍ତ
ଶିଳାସ୍ତମ୍ଭ ।

ଅନ୍ତରୀକ୍ଷରୁ ଧାଇଁଆସେ ବହଳ ଅନ୍ଧାର
ଲୁଚିଯାଏ ମୋ' ଚେତନାର ଚାରୁ ଚିତ୍ରପଟ
ଅବସାଦର ଉର୍ଦ୍ଧ୍ୱମୁଖୀ ଧୂମାଭ ଚାଦର ତଳେ ।

ଆକ୍ତାମାକ୍ତା ହୁଏ ମୋ ବର୍ତ୍ତମାନ ଓ ଭବିଷ୍ୟ
କିରିକିରି ହସୁଥାଏ
ଘୁଂଚିଘୁଂଚି ଯାଉଥିବା ସ୍ୱର୍ଣ୍ଣିମ ସମୟ
ଖଣ୍ଡ ଖଣ୍ଡ ହୋଇ ଖସିପଡେ ଆକାଶଟା
ଝାଂଜିପିଟା ନିରାସକ୍ତ ମଧ୍ୟାହ୍ନ କୋଳରେ ।

ତୁ ଆସିଲେ କୂଳ ଛୁଏଁ ସମୁଦ୍ରର
ଉତ୍ତାଳ ତରଙ୍ଗ
ଭିଜିଯାଏ ମରୁବାଲି କେଉଁ ନିର୍ଜନ ପ୍ରହରେ
ସୁନାମିର କ୍ରୂର ବିଭୀଷିକା ଦୋଳି ଖେଳେ
ମୋ' ରିକ୍ତ ହୃଦୟର ବିସ୍ତୀର୍ଣ୍ଣ ଛାତିରେ ।

ନଈ ହୋଇ ବହିଯାଏ
ମୋ' ଆଖିର ଅସରନ୍ତି ଅଶାନ୍ତ ଅଶ୍ରୁବିନ୍ଦୁ

ବାଟ ଓଗାଳେ କଳାଛାଇ ଅବେଳରେ
ଅସହାୟ ଲାଗେ ଯାହା ବସନ୍ତର ସ୍ୱର୍ଦ୍ଧିତ
ଘୋଡାଟାପୁ ଶବ୍ଦ ।

ଆଗଭଳି ବିମୋହିତ ହୁଏ ନି ମୁଁ ଆଉ
କୋକିଳର ପଂଚମ ତାନରେ
ପଲ୍ଲବିତ ହୁଏନାହିଁ ଆମ୍ରକୁଂଜ
ଭ୍ରମରର ମଧୁ ଗୁଂଜନରେ,
ବାଟବଣା ହୁଏ ବାର୍ ବାର୍
ଶାନ୍ତ ସ୍ନିଗ୍ଧ ମଧୁର ମଳୟ
ନିଦାଘ ବୈଶାଖର ନିର୍ଘାତ ପାଦ ସ୍ପର୍ଶରେ ।

ଆକାଶରୁ ଅଗ୍ନିବର୍ଷେ ଅବିରତ
ବିଶ୍ୱାସ ଓ ଅବିଶ୍ୱାସର ମାୟାଜାଲ
କ୍ରମଶଃ କବ୍ଜାକରେ ମୋ' ଦେହର ଦେହଳି
ମୂକ ପାଲଟିଯାଆନ୍ତି ଅନ୍ତରଙ୍ଗ ମୁହୂର୍ତ୍ତଗୁଡିକ
ଖୁବ୍ ସନ୍ତର୍ପଣେ
ମୁଠା ମୁଠା ଅନ୍ତର୍ଦାହକୁ ଜାବୁଡି ଧରି
କେଉଁ ନିର୍ଜନଦ୍ୱୀପରେ ।

ଫିକା ଲାଗେ କାକର ପଖଳା
ଜ୍ୟୋତ୍ସ୍ନାଭିଜା ରାତିର ଆଶ୍ଳେଷ
ମିଛ ଲାଗେ
ଫୁଲ ଓ ପ୍ରଜାପତିଙ୍କ ନିବିଡ଼ ସମ୍ପର୍କ
ଲିଭିଯାଏ ସାତଦୀପ ଅଦିନ ଝଡରେ,
ଲମ୍ୱାଲମ୍ୱା ସ୍ୱପ୍ନମାନେ ବ
ଶାଇଯାଆନ୍ତି ନିରବରେ
ପେଞ୍ଜୁଆ ନିର୍ବାକ ମୋ' ଆଖି ହଳକରେ ।

ମୁଣ୍ଡ ଉପରେ ଚକମକ କରୁଥିବା
ତାରାସବୁ ଖତେଇ ହୁଅନ୍ତି
ଲୁଚକାଳି ଖେଳୁଥାଏ ଜହ୍ନ ବାଦଲ ଉହାଡେ
ନା ଥାଏ ନିଦ ନା ସ୍ୱପ୍ନର ଝଲମଲ ଦୃଶ୍ୟ
ସେମିତି ଶୋଇଥାଏ ରାତି ଶୂନ୍ୟକୁ
ପିଠି କରି ଅଜଗର ଭଳି
ମିଥ୍ୟା ଓ ଛଳନାର ବିଷଜ୍ୱାଳା
ସଂକ୍ରମିତ କରୁଥାଏ ଯାହା ମୋ'
ଆପାଦମସ୍ତକ ।

ତଥାପି କାହିଁକି କେଜାଣି
ତୋ' କଅଁଳ ଛୁଆଁକୁ ମୁଁ ଚାହିଁ ବସିଥାଏ
ଢାଙ୍କିଦେଇ ମୋ' ସର୍ବାଙ୍ଗରେ
ମିଥ୍ୟା ବୈରାଗ୍ୟର ଯେତେ ଗୈରିକ ବସନ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ତୁମେ
### ପୁଷ୍ପାଞ୍ଜଳି ମିଶ୍ର



ତୁମେ ପୂର୍ବ ଆକାଶର ସୁନ୍ଦରୀ ସୁରୁଯ
ମୁଁ ଗୋଧୂଳିର ସଞ୍ଜବତୀ
ତୁମେ ଘର ମୁହାଁ ପକ୍ଷୀ ସମାବେଶ
ମୁଁ ଉଦୟ ଗୋଲାପି ରବି

ତୁମେ ନିଝୁମ ରାତିର ହାଲକା ନିଶା
ମୁଁ ରାତ୍ରିର ରଜନୀ ଗନ୍ଧା
ତୁମେ ବିଭୋରିତ ମୋ ନୂପୁର ତାଳେ
ମୁଁ ତୁମ ପ୍ରୀତିର ପାଖୁଡା

ପାଉଁଶ ତଳର ତଳର ମୋର ଏ ଜୀବନ
ନାହିଁ ଫଗୁଣର ପ୍ରୀତି

କେହି ଖୋଜେ ନାହିଁ କେହି ଲୋଡେ ନାହିଁ
ମୂଲ୍ୟହୀନ ପ୍ରଜାପତି

ତୁମେ ମୋର ଆଜି ଅତି ଆପଣାର
ଖୋଜୁଛି ଯେ ଚାରିଆଡ଼େ
ଆକାଶର ଏଇ ତାରାମେଳେ

ପୁନେଇ ରାତିର ଜହ୍ନରେ

ବିନ୍ଦୁଏ ପାଣିରେ ତୁମେ ଯେ ସାଗର
ନ ପିଇକି ଶୋଷ ମେଣ୍ଟେ
ମୋ କଳ୍ପନାର ମନ ଝରକାରେ
କୋଣାର୍କର ଭଗ୍ନ ସ୍ତୁପ

ସ୍ମୃତି ଖାଲି ଯାହା କିଛି କିଛି ଅଛି
କୁହୁଳି କୁହୁଳି ବଂଚେ
ପ୍ରେମ ସେହି ଶବ୍ଦ ହଜିତ ମରେନା
ଖୋଜୁଛି ପ୍ରତି ମୁହୂର୍ତ୍ତ ।

♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

## ଇଂରେଜୀ ପାଠ
### ଶ୍ରୀ ରାଜେଶ ବେହେରା

ବାପ ବସିଥିଲା ପୁଅ ପଢୁଥିଲା
ମାଡ଼ି ଆସୁଥିଲା ନିଦ
ରାଗି ଯାଇ ବାପ କହିଲା ପୁଅକୁ
ପାଟି କରି ପଢ଼ ଗଧ ।

ଆଖି ବୁଜିଦେଇ ପୁଅ ଗାଇଦେଲା
ଇଂରେଜୀ ବହି ଧରି,
ରାସ୍କେଲ, ନନ୍-ସେନ୍ସ, ଇଡିଅଟ୍
ନାହିଁକେ ଫାଦର୍ ପରି ।

ଖୁସିରେ ବାପର ଛାତି ଫୁଲିଗଲା
ଶୁଣି ଇଂରେଜୀ କଥା,
କହିଲା ବାବୁରେ ଧନ୍ୟ କଲୁ ମତେ
ଉଚ୍ଚ କଲୁ ଆମ ମଥା,

ସାତ ପୁରୁଷରୁ କେ ପଢ଼ି ନଥିଲେ
ତୁ) ଜାଣିଲୁ ବିଦେଶି ଭାଷା,
କରୁଛି ଆଶିଷ ହୁଅ ବଡ଼ ଲୋକ
କାଳିଆ ହେଉ ଭରଷା ।

♥ ପ୍ରଧାନଶିକ୍ଷକ
କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ,
କିସ୍ମତ କୃଷ୍ଣପୁର
ବାସୁଦେବପୁର,
ଭଦ୍ରକ

## ସଳିତା
### ପ୍ରମୋଦ କୁମାର ମହାପାତ୍ର



ତିଳ ତିଳ କରି ନିଜେ ମୁଁ ଯାଉଛି ଜଳି,
ପାରୁଛି ଯେତିକି ଅନ୍ଧାର ଦେଉଛି ଠେଲି ।

ଜୀବନ ଦୀପରେ ରହିଛି ଯେତିକି ତେଲ,
ଜାଣିଛି, ସେତିକି ଦିନ ମୋ ସଂସାର ଖେଳ ।

ଦେଣା ବା ପାଉଣା କରିନାହିଁ ତା' ହିସାବ,
କିଛି ତ ନଥିଲା କିବା ଅବା ନେଇ ହେବ !

ମଣି-ମୁକ୍ତା ହାରେ ନାହିଁ ମୋର କିଛି ଆଶ,
'ସ୍ୱଧର୍ମେ ନିଧନ' ସେ' ହିଁ ପରମ ସନ୍ତୋଷ ।

ଆଲୋକ ରେଖାରେ କେହିତ ପାଇଛି ପଥ,
'ଅନଳେ-ପତଙ୍ଗ ' ସମ କେହି ସମର୍ପିତ !

ଲିଭି ଯିବ ନିଆଁ ରହିବ ପାଉଁଶ ଧାରେ,
ସ୍ମୃତି ହୋଇ ଝରିଯିବି କାହା ଆଖି ନୀରେ...

♥ ଭାରତ ସଞ୍ଚାର ନିଗମ ଲି:
ଭୁବନେଶ୍ୱର,
ମୋ: ୯୪୩୭୫୬୮୩୧୧

## ଅଭିଶପ୍ତ ରାତିର ବୟସ
### ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ଅନ୍ଧାରୀ ମୂଳକରୁ ଧୀରେ ଧୀରେ
ପାଦ ଥାପି ବାହାରି ଆସୁଥିଲା ରାତି
ଚେନାଏ ସଫେଦ ଆକାଶର ଖୋଜ୍‌ରେ;
ହଠାତ୍ କାହା ପାଦ ଶବ୍ଦରେ ବିଚଳିତ ହେଲା
ଆକାଶ
ଘଡ଼ିଏ ଅଟକି ଗଲା ରାତି ।

ସେ ରାତିରେ ଘଟିଗଲା ଅନେକ କିଛି
ରାତିକ ପାଇଁ ଚଞ୍ଚଳ ହେଇ ଉଠିଲା
ସମ୍ଭାବନାମୟ ପୃଥିବୀ ।

ରାତି ଯେତେ ଯେତେ ବଢୁଥିଲା
ସେତେ ସେତେ ଚିକ୍ ଚିକ କରୁଥିଲା
ଶିକାରୀ ମୁହଁର କେଇଟା ମୁନିଆଁ ଦାନ୍ତ,
କେଉଁ ନିରୀହ ଶିକାରର ଅପେକ୍ଷାରେ,
ଝାଉଁ ବଣ ର ସୁଁ ସୁଉଁ ପବନରେ

ମିଳେଇ ଯାଉଥିଲା କେଉଁ ଧର୍ଷିତାର ଆର୍ତ୍ତ
ଚିତ୍କାର,

ବାଦଲ ଉହାଡ଼ରେ ଜହ୍ନ ଲୁଚିଯିବା ପରି
ଲୁଚି ଯାଇଥିଲା,
ସାହି ମୁଣ୍ଡ ପୋଖରୀରେ ପଡ଼ିଥିବା
କେଉଁ ଅଜଣା ଗଳିତ ଶବର ଖବର ।

ରାତି କେତେବେଳେ ଦାନ୍ତ ଚିପି ହସୁଥିଲା
ତ କେତେବେଳେ ଖତେଇ ହଉଥିଲା
ମାନବବାଦ ର ଏଇ ଅଦ୍ଭୁତ ନିୟମକୁ,
ହସ୍ପିଟାଲ୍ ର ଚଟାଣ ପରି ରକ୍ତ ରଙ୍ଗରେ ଠା ଠା

ନାଲି ଦିଶୁଥିଲା ଅଭିଶପ୍ତ ରାତି ।

ଯେତେ ଯେତେ ସମୟ ଗଡୁଥିଲା
ରାତି ସାଜୁଥିଲା ଗୋଟେ ଲମ୍ପଟ ପୁରୁଷ,
ପୀଡ଼ିତା ର କଞ୍ଚା କ୍ଷତ ରେ ସରିଯାଉଥିଲା ତା
ଜଳୁଥିବା ସିଗାରେଟ୍ ର ତମାମ୍
ଆୟୁଷ ।ରାତି କଡ଼ ଲେଉଟୁ ଥିଲା ବେଳେ

କବିଟିଏ
ଲେଖୁଥିଲା କବିଟିଏ ମରିଯିବା ପରର କଥା
ଚିତ୍ରକର ଆଙ୍କୁଥିଲା
ତା ମରିବା ପୂର୍ବର ଶେଷ ଦୃଶ୍ୟ,

ତଥାପି ସରୁ ନଥିଲା
ଏ ଅଭିଶପ୍ତ ରାତିର ବୟସ,
ବୋଧେ ଆଉ କେଇ ଘଡ଼ି ଅଟକି ସେ
ରଚିବାକୁ ଚାହୁଁଥିଲା
ଯୁଗ ଯୁଗକୁ ଏକ କ୍ରୂର ଇତିହାସ !!!

♥ ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ମୋ: ୭୭୮୮୯୭୭୨୭୬

## ପ୍ରେମ
### ପ୍ରଦ୍ୟୁମ୍ନ ପଟ୍ଟନାୟକ



ପ୍ରଥମେ ଖାଲି ଆଖିର ଦେଖା
ତା ପରେ ପରିଚୟ
ସେ ପରିଚୟ ନିବିଡ଼ ହେଲେ
ଭାବର ବିନିମୟ ।

ସେ ଭାବ ପୁଣି ନିଅଇ ଟାଣି
ମିଶିଲେ ଦୁଇ ମନ
ମନର କଥା ବୁଝିଲେ ଜଣେ
ଜନମ ନିଏ ପ୍ରେମ ।

ସେହି ପ୍ରେମରେ ଦୁନିଆ ଅନ୍ଧ
ଦିଶେନା ବାଟ ଘାଟ
ଅନ୍ଧାର ଦିଶେ ସାରା ଜଗତ
ନହେଲେ ପ୍ରିୟା ଭେଟ ।

ଭେଟରେ କେବେ ନମିଳେ ତୃପ୍ତି
ହେଉସେ ଯେତେ ବାର
ବିକଳ ଲାଗେ ପ୍ରେୟସୀ ଯେବେ
ହୁଏ ପାଶରୁ ଦୂର ।

ହୋଇଲେ ଦୂର ମନ ମଣିଷ
ଜୀବନ ଦୁର୍ବିସହ
ସହି ନହୁଏ ଛାତିର କୋହ
ଆଖିରୁ ଝରେ ଲୁହ ।

ଏକାଠି ହେଲେ ପ୍ରେମୀ ଯୁଗଳ
ମେଣ୍ଟଇ ହୃଦ ଶୋଷ
ଅଲଗା ହେଲେ ବିରହ ଘାରେ
ମନରେ ଅବସୋସ ।

♥ ୧୦୧- ପ୍ରକାଶ ଦୀପ ଟାୱାର,
ଜୟ ଦୁର୍ଗା ନଗର, ଭୁବନେଶ୍ୱର -୦୬
ମୋ:୯୯୬୮୨୮୦୮୯୬



## ଶୀତ ସକାଳ
### କବିତା ପଣ୍ଡା

ଶୀତ ସକାଳର
ପାହାନ୍ତି ପ୍ରହରେ
ତୁମେ ମନେ ପଡ ଯେତେ ।
ଅନ୍ତର ର କୋହ
ଖେଳିଯାଏ ଦେହେ
ଆଶା ଅଶ୍ରୁମାରୀ ସତେ ।
ସବୁ ବୁଝେ ଯିଏ
କିଛି ବୁଝି ନାହିଁ
କରୁଥାଏ ଆନମନା ।
ସ୍ମୃତି କାରିଗାରେ
ପ୍ରୀତି ବଂଧା ରହି
ଚାଲୁଥାଏ ବାଟ ଏକା ।
ସ୍ମୃତି କାରାଗାରେ
ପ୍ରୀତି ବଂଧା ରହି
କାଟୁଥାଏ ଦିନ ଏକା ।
ଏ ଛାତି ଯନ୍ତ୍ରଣା
ପାରିବ କି କହି
ପ୍ରୀତି ର ଅଧର ଖୋଲି ।
ନିରବ ନିରବି
ଲୁଣି ଲୁହ ପିଏ
ମନେ ମନେ ଭାଳି ନିତି ।

♥ ମଂଗଳ ପୁର ସୋର ବାଲେଶ୍ୱର
ମୋ: ୭୭୩୫୭୭୬୩୪୨

## ଋତୁରାଜ ବସନ୍ତ
### ଅଳକା ରାୟ



ଶେଷ ଋତୁ, ଅଥଚ ଋତୁମାନଙ୍କ ରଜା
ଋତୁରାଜ ବସନ୍ତ
ସମସ୍ତ ସମ୍ଭାର ଘେନି
ରାଜ କରୁଛି ଧରଣୀ ବୁକୁରେ
ହସି ଉଠୁଛି ବସୁନ୍ଧରା
ତୃପ୍ତି ହେଉଛନ୍ତି ଚୈତ୍ର ଓ ବୈଶାଖ ।

ପୁଷ୍ପ ରତ୍ନରେ ବିଭୂଷିତ ହୋଇ
ପଧାରିଛି ବସନ୍ତ ରଜା
ସବୁଜ ରଙ୍ଗର ପଥେ ପଥେ
ଭରି ଦେଇଛି ଅଭିନନ୍ଦନର ମୁକ୍ତା ।

ମଳୟର ତାଳେ ତାଳେ
ନାଚିଉଠୁଛି ପରିମଳ
ତରୁଶାଖାରେ ସମିରଣ ତାଳେ
ଖେଳିଯାଏ ଶିହରଣ ।

ଦ୍ରୁମ ଲତାର ଅଙ୍ଗେ ଅଙ୍ଗେ
ଭରିଦିଏ ନବପଲ୍ଲବ
ଗହଳ ପତ୍ରସମ୍ଭାରରେ ବିଭୁଷିତ ହୋଇ
ଶ୍ୟାମଳଶ୍ରୀ ଧାରଣ କରନ୍ତି ବନସ୍ପତି ଗଣ ।

ମନ୍ଦ ମଳୟ ସମିରଣେ
ବିଛୁରିତ ହୁଏ ସୁଗନ୍ଧ ଫୁଲ
ଅଶୋକ, ବାସଙ୍ଗ ଓ କାଞ୍ଚନର

ପଳାଶ ଫୁଲର ଲୋହିତ ବର୍ଣ୍ଣରେ
ସୁଶୋଭିତ ହୁଅନ୍ତି ତରୁ ଲତା ଗଣ ।

ଧଳା ଧଳା ଆମ୍ବ ବଉଳରେ
ଟିକି ଟିକି ଆମ୍ବ ଗଣ
ମଳୟର ତାଳେ ତାଳେ
କୋଇଲି ଗାଏ କୁହୁତାନ ।

କଳା କଳା ଭଅଁର ଆଉ
ଚିତ୍ର ବିଚିତ୍ର ପ୍ରଜାପତି ଗଣ
ମଧୁପାନ ଆଶା ନେଇ
ଉଡି ବୁଲନ୍ତି ଉନ୍ମୁକ୍ତ ଡେଣା ଧରି
ଏ ଫୁଲରୁ ସେ ଫୁଲ ।

ସମିରର ଲହରିରେ ଦୋଳାୟିତ ବୃକ୍ଷ ଲତା
ଦିଶନ୍ତି ସତେ ଯେପରି
ଦୋଳି ଖେଳୁଛନ୍ତି ପ୍ରକୃତି ମାତା ।

♥ ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ମୋ ଗାଁ ବାସିଲାଣି ଫଗୁଣ ଫଗୁଣ
### ପ୍ରତିଭା ସାହୁ



ମୋ ଗାଁ ବାସିଲାଣି ଫଗୁଣ ଫଗୁଣ
ଚନ୍ଦନ ବନେ ମହକ
ଆମ୍ର କୁଞ୍ଜ ବନେ ବଉଳର ବାସ
ମନେ ଜଗାଏ ପୁଲକ ।

ନବ ପଲ୍ଲବରେ ତରୁ ଲତା ଗଣ
ଗାଁ ଚାରିପାଖେ ତୋରଣ
ଯାନି ଯାତରା କେତେ ଯେ ପରବ
ଭେଟି ଦେବ ଏ ଫଗୁଣ ।

କୁଆଁରୀ କନିଆଁ ସଜ ହେଉଅଛି
ବାହା ବେଦୀ ଝଲ ମଲ
ଆମ ଗାଆଁ ଛାଡି ଶାଶୁଘର ଯିବ
ଆଖି ଲୁହ ଛଳଛଳ ।

ଗାଆଁ ନଈ କୂଳ ମୃଦୁ ସମୀରଣ
ପ୍ରଫୁଲ୍ଲିତ କରେ ମନ


କିଚିରି ମିଚିରି ରଙ୍ଗ ବେରଙ୍ଗର
ପକ୍ଷୀଙ୍କର ଶୁଭେ ତାନ ।

ମୋ ଗାଆଁ ମୁଲକ ଦିଶେ ଶୋଭାମୟ
ସପ୍ତବର୍ଣ୍ଣ ଆଭା ତାର
ଫଗୁଣ ଆସିଛି ଅମୃତ ଲଗନେ
ଦିଏ ମିଠା ଉପହାର ।

ଫୁଲ ଫଗୁଣର ରୂପ ଲାବଣ୍ୟରେ
ଗାଆଁ ଦିଶେ ସ୍ୱର୍ଗ ପରି
ମୋ ଗାଁ ବାସିଲାଣି ଫଗୁଣ ଫଗୁଣ
ରଙ୍ଗର ଅବିର ଭରି ।

♥ ବଇଣ୍ଡା, ହାଇସ୍କୁଲ ରୋଡ୍/ଅନୁଗୋଳ/
ମୋ : ୭୦୦୮୨୩୬୯୯୧

## ସମ୍ପର୍କର ପରିଭାଷା
### ଶୁଭଦର୍ଶିନୀ ଦାଶ



ମନ ଯେ ଅମାନିଆ
ଦିଗନ୍ତ ଆକାଶେ ଉଡ଼ିବୁଲେ
ହୋଇ ଅହଲ୍ୟ,
ରଙ୍ଗୀନ ସେ ସପ୍ତରଙ୍ଗିପରି
କେବେ ସ୍ନେହିଁର ଦାନ ପାଇ
ସାଜିଥାଏ ପ୍ରୀତି ପକ୍ଷୀଟିଏ
କେବେ ପୁଣି ମାୟାର ଆଲିଙ୍ଗନେ
ବାଷ୍ପରୁଦ୍ଧ ଦୀପଶିଖା ସିଏ
କେବେ ଭାସମାନ
ଚିନ୍ତାର ସ୍ରୋତେ,
କେବେ ପୁଣି ହୁଏ ମର୍ମାହତ

ଅବାସ୍ତବ ଚିନ୍ତାରେ

ମନ ଯେ ମନୁଆ
କେବେପୁଣି କରିବସେ ଅଭିମାନ
ଆତ୍ମୀୟ ମନଟେ ପାଇ
ମୁଠାଏ ବିଶ୍ୱାସ ଯେବେ
ଅଭିମାନକୁ ତାର ଦିଏ ତୁଟାଇ
ଡେଣାଝାଡି ଉଡ଼ିବୁଲେ ମୁକ୍ତ ଆକାଶରେ

ସତେ ଅବା ତାକୁ ଆଜି
ମିଳିଯାଇଛି ଯୁଗ୍ମ ମନଟିଏ
ବାନ୍ଧି ବସେ ବିଶ୍ୱାସର ସେତୁ ସିଏ
ସେ ମନକୁ ବାନ୍ଧି ରଖିବାପାଇଁ,

ଛନ୍ଦିଦେଇ ମନରେ ମନ
ସୃଷ୍ଟିକରେ ନୂଆ ଏକ ବନ୍ଧନ
ନା ଥାଏ ସେଠି ବାସ୍ତବ, ଅବାସ୍ତବ
ରାଗ ରୋଶ, ମକ୍ଷନ, ଅଭିମାନ,
ଥାଏ ଖାଲି ନିସ୍ୱାର୍ଥ
ସମର୍ପଣ ଆଉ ସମର୍ପଣ
ସେ ନୁହେଁ କି ସମ୍ପର୍କର ପରିଭାଷା
ବିଶ୍ୱାସ ବନ୍ଧନ...... ?

♥ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ଚୁକ୍ତିଭିତ୍ତିକ ଉଚ୍ଛେଦ ପାଇଁ ରାଜ୍ୟବ୍ୟାପୀ ପୋଷ୍ଟକାର୍ଡ଼ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ତରଫରୁ ରବିବାର ଦିନ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକମାନେ ନିଜ ନିଜର ବ୍ଲକରେ ଏକ ରାଜ୍ୟବ୍ୟାପୀ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଗତ ତା ୧୫.୧୦.୨୦୨୨ରିଖରେ ଓଡ଼ିଶା ମାଟିରୁ ଚୁକ୍ତିଭିତିକ ଯୁଗ ଶେଷ ହେଲା ବୋଲି ଘୋଷଣା କରିଥିଲେ ସୁଦ୍ଧା ବର୍ତମାନ ପ୍ରାୟ ୫ ମାସ ବିତିଗଲାଣି। କିନ୍ତୁ ଆଜିବି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ଦଶହଜାର କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ସ୍ୱଳ୍ପ ଦରମାରେ ଚୁକ୍ତିଭିତିକରେ ଅଛନ୍ତି। ରାଜ୍ୟରେ ୫୭ ହଜାର କର୍ମଚ୍ଚରୀମାନଙ୍କ ଚୁକ୍ତିଭିତିକ ପ୍ରଥା ଉଚ୍ଛେଦ ହେଲା କିନ୍ତୁ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀମାନେ ରାଜ୍ୟ ସରକାରଙ୍କ ଓଆରଭି ୧୯୭୫ ଧାରା ପାଳନ କରି ଡିଏଲ୍‌ଇଡି, ବିଇଡି ତାଲିମ ପାଇଁ ଚୟନମୂଳକ ପରୀକ୍ଷା ଏବଂ ଓଟିଇଟି ବାଧ୍ୟତାମୂଳକ ଭାବେ ସମସ୍ତ ସର୍ତ ପୂରଣ ପରେ ନିଯୁକ୍ତି ପାଇଥିଲେ ମଧ୍ୟ ଚୁକ୍ତିଭିତିକ ପ୍ରଥାରୁ ଉଚ୍ଛେଦ ହୋଇନାହାଁନ୍ତି। ବହୁବାର ଆଲୋଚନା ପରେ ମୁଖ୍ୟ ଶାସନ ସଚିବ କେନ୍ଦ୍ର ସ୍କିମ୍ କହି ମନା କଲାବେଳେ ପାନୀୟ ଜଳଯୋଗାଣ ଜେଇଇ, ଏନ୍‌ଏଚ୍‌ଏମ୍‌ରୁ ନର୍ସିଂ ଅଫିସରମାନଙ୍କୁ ନିୟମିତ କରାଯାଇଛି। ଏଥିରୁ ସହଜରେ ଅନୁମେୟ ନିୟମିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। କିନ୍ତୁ ପ୍ରାଥମିକ ଶିକ୍ଷା ଏବଂ କନିଷ୍ଠ ଶିକ୍ଷକଙ୍କ ପାଇଁ କାହିଁକି ଘୋର ଅବହେଳା କରାଯାଉଛି ତାହା ସହଜରେ ବୁଝି ହେଉନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ସମ୍ବିଧାନ ଧାରା ୩୦୯ ଅଧିନିୟମ ଅନୁସାରେ ଜଣେ ନିର୍ବାଚିତ ପ୍ରତିନିଧି ଯେକୌଣସି ପଦବୀ ଏବଂ ତାର ସମ୍ପର୍କିତ ନିୟମ ତିଆରି ଓ ପରିବର୍ତନ କରିପାରିବେ। କେନ୍ଦ୍ରୀୟ ଯୋଜନା କହି କନିଷ୍ଠ ଶିକ୍ଷକମାନଙ୍କୁ ବହୁବାର ଘୋର ଅଣଦେଖା କରାଯାଉଥିଲେ ମଧ୍ୟ କେନ୍ଦ୍ରୀୟ ଯୋଜନା ଅନୁଯାୟୀ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ପରିବର୍ତେ ଠିକା ଶ୍ରମିକ ଭଳି କିଛି ଦରମା ଦେଇ ରାଜ୍ୟ ସରକାର ଶିକ୍ଷକମାନଙ୍କୁ ସମସ୍ୟା ଘେରରେ ରଖିଛନ୍ତି। ତେଣୁ ୧୨.୦୨.୨୦୨୩ ରିଖ ରବିବାର ଦିନ ସମସ୍ତ କନିଷ୍ଠ ଶିକ୍ଷକ ପୋଷ୍ଟକାର୍ଡ଼ ମାଧ୍ୟମରେ ନିବେଦନ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ହସ୍ତକ୍ଷେପ କରନ୍ତୁ। ତା ୧୩.୦୨.୨୦୨୩ ରିଖ ଦିନ ଇ-ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପୁନଶ୍ଚ ନିଜ ଦାବି ଉପସ୍ଥାପନ କରିବେ। ଯଦି ରାଜ୍ୟ ସରକାରଙ୍କ ତରଫରୁ କୌଣସି ସକରାତ୍ମକ ନିଷ୍ପତି ନଆସେ ତେବେ ରାଜ୍ୟର ସମସ୍ତ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ତାଙ୍କ ପରିବାର, ବୁଦ୍ଧିଜୀବୀ ସମସ୍ତେ ପ୍ରାଥମିକ ଶିକ୍ଷା ପ୍ରତି ଅଣଦେଖା ନିମନ୍ତେ ପ ।ୟତସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ପ୍ରତିବାଦର ସ୍ୱର ଉଠିବ ଏବଂ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ଏଥିପାଇଁ ଯେକୌଣସି ପ୍ରକାର ସମସ୍ୟା ଉପୁଜିବ, ସେଥିପାଇଁ ଓଡ଼ିଶା ସରକାର ଦାୟୀ ରହିବେ।

## ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, ୧୩/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ରଙ୍ଗମାଟିଆ ପଂଚାୟତ ଅନ୍ତର୍ଗତ ବାଙ୍କିଆ ଗ୍ରାମର ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଂଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୁଡୁମି ସମାଜ ସଭାପତି ତଥା ଅବସରପ୍ରାପ୍ତ ମୋଟରଯାନ ନୀରିକ୍ଷକ ଇଂ. କ୍ଷୀରୋଦ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ନାଥ ନାଏକ୍, ସମ୍ମାନିତ ଅତିଥି ଭାବେ ରଙ୍ଗାମାଟିଆ ସରପଂଚ ଶ୍ରୀମତୀ ମାଧୁରୀ ନାୟକ, ଆଂଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତୁଳସୀ ରାମ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ନିଷ୍ଠା ଓ ପରିଶ୍ରମ ବଜାଇ ରଖିଲେ ସଫଳତାର ମାର୍ଗ ଖୋଲିଯିବ ଏବଂ ଏଥିପାଇଁ ଗୁରୁଜନମାନଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଭଲ ମଣିଷ ହୋଇ ମାତୃଭୂମିର ସେବା କରିବାକୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ପ୍ରଥମେ ଅତିଥିମାନେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ, ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ। ଶିକ୍ଷକ ବିଜୟ କୁମାର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ୍ ଟ୍ରଫି ସହିତ ଅତିଥିମାନେ ପୁରସ୍କୃତ କରିଥଲେ । ଶେଷରେ ସାଂସ୍କୃତିକ କାର୍ଯକ୍ରମରେ ଛାତ୍ର ଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯକ୍ରୁ କଳାକାର ସଚ୍ଚିଦାନନ୍ଦ ମହାକୁଡ଼ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଜୀବନ କୁମାର ସେଠି , ଦିପ୍ତିରଞ୍ଜନ ବେହେରା, କ୍ରୀଡା ଶିକ୍ଷୟତ୍ରୀ ମିନତି ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀ, ସରୋଜ ନାୟକ, ତପନ ସେନାପତି, ଅଜିତ୍ ନାଏକ, ଲଙ୍କେଶ୍ୱର ପାତ୍ର, ମହେଶ୍ୱର ମୁଣ୍ଡା, କିରାଣୀ ପ୍ରଶାନ୍ତ ଜ୍ୟୋତିଭୂଷଣ ବେହେରା, ବିକ୍ରମ କେଶରୀ ବାରିକ୍, ଡାଳିମ୍ବ ମହାନ୍ତ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିଲା।

## କୁଡୁମୁଲୁଗୁମ୍ମା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୧୩/୦୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ଜିଲ୍ଲା ସ୍ତରୀୟ ଯୁବ ପ୍ରଶିକ୍ଷଣ ଶିବିର ଆଜି ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ଉପ-ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଡୁ ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ବାଲିମେଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନାର ଅବସର ପ୍ରାପ୍ତ ଜିଲ୍ଲା ଅଧିକାରୀ ନମିତା ଦଣ୍ଡସେନା, ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ଶଙ୍କର ବେହେରା, କାର୍ଯ୍ୟରତ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କ ସହିତ ଆଠ ଜଣ ଏନଏସଏସ ପିଓ ଉପସ୍ଥିତ ଥିଲେ। ଏହି ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଶ୍ରୀ ଖେମୁଡୁ ଛାତ୍ର ଛାତ୍ରୀ ମାନଙ୍କୁ ମାନବିକତା, ମାନସିକତା ଓ ଦୃଢ ଆତ୍ମବଳ ଉପରେ ଅଭିଭାଷଣ ପ୍ରଦାନ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରସଙ୍ଗ ଆଧାରିତ ଦୀର୍ଘ ଏକ ଘଣ୍ଟା ବ୍ୟାପୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଅମୂଲ୍ୟ ପ୍ରଧାନ ଜାତୀୟ ସେବା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କର ଭୂମିକା ତଥା ସେବା ମନଭାବ କ୍ଷେତ୍ରରେ ଦୃଢ ସଂକଳ୍ପ ନେଇ ରାଷ୍ଟ୍ର ଗଠନରେ ସହାୟକ ହେବା ନିମନ୍ତେ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ନମୀତା ଦଣ୍ଡସେନା ଜାତୀୟ ସେବାର ଉଦ୍ଦେଶ୍ୟ ଏବଂ ନୀତି ନିୟମ ସମ୍ବନ୍ଧରେ ଅଭିଭାଷଣ ଦେବା ସହିତ ନେତୃତ୍ୱ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରୀ ସରୋଜ ମହାପାତ୍ର ମଧ୍ୟ ଜାତୀୟ ସେବା ଯୋଜନାର ମହତ୍ୱ ଓ ଏବଂ ଉଦ୍ଦେଶ୍ୟ ଉପରେ ସୁନ୍ଦର ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସମେତ ଛାତ୍ରଛାତ୍ରୀ ମାନଙ୍କୁ ମିଶାଇ ପାଖାପାଖି ୧୫୦ ଜଣ ଉପସ୍ଥିତ ଥିଲେ।

## ମାଥିଲି ବ୍ଲକ ନୂତନ ପେନସନ ଯୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ମାଲକାନଗିରି, ୧୩/୦୨ (ନି.ପ୍ର): ସାରା ଓଡିଶାରେ ପ୍ରାଥମିକ ଶିକ୍ଷକଙ୍କୁ ରାଜ୍ୟ ସରକାର ଶୋଷଣ କରି ଚାଲୁଛନ୍ତି। ଏନପିଏସ ଭଳି କୁତ୍ସିତ ପ୍ରଥା ଓ ଦରମାରେ ଘୋର ତାରତମ୍ୟ ରଖି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନୂତନ ପେନସନ ଯୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ।

ପ୍ରଥମେ ୨୦୦୧ ରେ ଗଣଶିକ୍ଷା ବିଭାଗରେ ଠିକା ନିଯୁକ୍ତି ପ୍ରଥା ସୃଷ୍ଟି କରାଯାଇଥିଲା। ମହାବାତ୍ୟା ଓ ରାଜସ୍ୱ ନିଅଣ୍ଟର ଆଳ ଦେଖାଇ ସରକାର ଯେଉଁ ୧୫୦୦ ଟଙ୍କିଆ ନିଯୁକ୍ତି ପ୍ରଦାନ କରିଥିଲେ ସେଥିରେ ଉଚ୍ଚ ଶିକ୍ଷା ହାସଲ କରିଥିବା ଶହ ଶହ ସିଟି, ବିଇଡି ଯୁବକ ମାନେ ଦୈନିକ ମଜୁରିଆ ଠାରୁ କମ ଦରମାରେ ଗୋଟି ଶ୍ରମିକ ଭାବେ କାମ କରିଥିଲେ ଏବଂ ଅଭାବି ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି କରିବାରେ ସହାୟକ ହୋଇଥିଲେ। ସେହି ସମୟରେ ଉଚ୍ଚ ଶିକ୍ଷିତ ମାନେ ନିଯୁକ୍ତି ବିନା ବେକାରୀ ମାନ୍ୟତା ଯେତିକି ନିଷ୍ଠୁରତା ନଥିଲା ତାଠାରୁ ଅଧିକ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ରାଜ୍ୟ ସରକାରଙ୍କ ପାରିବା ପଣିଆକୁ ଉପହାସ କରୁଥିଲା। ଏପରି ସ୍ଥଳେ ଦିଶାହୀନ ନିଯୁକ୍ତି ପକ୍ରିୟା ପାଇଁ କେତେ ଯେ ଯୁବକ ଛଟେଇ, ପୁନଃ ନିଯୁକ୍ତିରେ ୧୦ ବର୍ଷ ଠିକାରେ ଖଟି ଯୁବ ବୟସକୁ ହରାଇଛନ୍ତି ତାର କଳନା ନାହିଁ। ସମାନ କାମକୁ ସମାନ ଦରମାର ଧଜିଆ ଉଡାଇ ଦେଇଛନ୍ତି ସରକାର। ବିଭେଦତା ସୃଷ୍ଟିରେ ପରାକାଷ୍ଠା ରଖିଥିବା ରାଜ୍ୟ ସରକାର ଶିକ୍ଷକ ସମାଜକୁ ଭାଗ ଭାଗ କରି ନୈତିକତା, ମାନବିକତାକୁ ନିଲାମ କରିଛନ୍ତି। ୨୦ ବର୍ଷ ଚାକିରି ଶେଷ ପରେ ମଧ୍ୟ ୪୨୦୦ ଗ୍ରେଡ୍ ପେ ନ ଦେଇ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ଆଦେଶ ଅନୁପାଳନ ବିବାଦୀୟ ନୁହେଁ କି ? ୨୦୧୭ ର ଆନ୍ଦୋଳନରେ ଦୃଢ ପ୍ରତିଶୃତି ଦେଇ ପରେ ଚତୁରତାପୂର୍ଣ୍ଣ ଭାବେ କେବଳ ଶିକ୍ଷା ସହାୟକରୁ କନିଷ୍ଠ ଶିକ୍ଷକର ନାମରେ ନାମିତ କରି ୨୮୦୦ ଗ୍ରେଡ୍ ପେ ନ ଦେଇ ଭଣ୍ଡାଇ ଦେଇଥିଲେ। ମାଧ୍ୟମିକ ଶିକ୍ଷା, ଏସଟି ଏସି ଶିକ୍ଷା ବିଭାଗ, ମାଧ୍ୟମିକ କ୍ରୀଡା ଶିକ୍ଷକ ଏବଂ ଅନ୍ୟାନ୍ୟ ବିଭାଗରେ ସମାନ ଯୋଗ୍ୟତାଧାରୀଙ୍କୁ ୨୮୦୦ ଗ୍ରେଡ୍ ପେ ଦେଉଥବା ବେଳେ ପ୍ରାଥମିକ ଶିକ୍ଷକଙ୍କୁ ଅଣଦେଖା କାହିଁକି ? ଶିକ୍ଷା ହେଉଛି ଗୋଟିଏ ଦେଶ ଗଠନର ମୂଳ ପିଣ୍ଡ। ଯେଉଁ ଦେଶର ଶିକ୍ଷା ଓ ଶିକ୍ଷକ ଯେତିକି ପ୍ରଭାବି ସେହି ଦେଶର ଅସ୍ମିତ୍ୱ, ଗାରିମା ସେତେ ପ୍ରତିଷ୍ଠିତ। ଦେଶର ଦୁଇ ଡଜନରୁ ଅଧିକ ରାଜ୍ୟ ପ୍ରାଥମିକ/ଉଚ୍ଚ ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରୁଛନ୍ତି। କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଓଡିଶାରେ ରାଜ୍ୟ ସରକାର ବିଦ୍ୟାଳୟକୁ ଯେମିତି ଅସଜଡା କରି ରଖିଛନ୍ତି ଶିକ୍ଷକ ମାନଙ୍କୁ ମଧ୍ୟ ଉପେକ୍ଷିତ କରୁଛନ୍ତି। ଶିକ୍ଷାର ଭିତିପ୍ରସ୍ତର ପ୍ରାଥମିକ ଶିକ୍ଷା ଉପରେ ଦଣ୍ଡାୟମାନ। ସରକାର ମୂଳ ନ ସଜାଡି ଚୂଳରେ ରଙ୍ଗ ଦେବାରେ ବ୍ୟସ୍ତ । ରାଜ୍ୟର ସ୍ୱାଭିମାନ, ଅସ୍ମିତା ଓ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉ । ଶିକ୍ଷାୟତନ ଓ ଶିକ୍ଷକର ନାର୍ଯ୍ୟ ଦାବୀକୁ ପ୍ରାଥମିକତା ଦିଆଯାଇ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଠିକା ନିଯୁକ୍ତି ଦେବା ବନ୍ଦ କରାଯାଉ। ଦ୍ୱିତୀୟତଃ ୬ ବର୍ଷର ଠିକା ନିଯୁକ୍ତିକୁ ଯୋଡି ମୂଳ ଦରମାରେ ୬ଟି ଇଂକ୍ରିମେଣ୍ଟ । ତୃତୀୟ କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନସନ ଲାଗୁ କରାଯାଉ। ଏକ୍ସ କ୍ୟାଡର ଉଚ୍ଛେଦ କରି ସ୍ୱାଭିମାନୀ ଶିକ୍ଷକ ମାନ୍ୟତା ଦିଆଯାଉ। ୨୭ ନଭେମ୍ବର ୨୦୨୨ ରେ ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ଲୋଏର ପିଏମଜି ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲୁ । ୩୦ ନଭେମ୍ବରରେ ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ମିଳିତ ମହାସଂଘ ଆନ୍ଦୋଳନରୁ ଓହରି ଯାଇଥିଲା । ଡିସେମ୍ବର ୨୯ ରେ ମହାସଂଘ ସଦସ୍ୟ ମାନେ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାବୀର ଯଥାର୍ଥତା ଉପସ୍ଥାପନ କରିଥିଲେ । କିନ୍ତୁ, ଆଜିକୁ ୭୫ ଦିନ ବିତି ଯାଇଥିଲେ ହେଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ । ତୁରନ୍ତ ରାଜ୍ୟ ସରକାର ସମ୍ବେଦନଶୀଳ ହୋଇ ଦାବୀ ଗୁଡିକ ବିଚାର ନ କଲେ ଆଗାମୀ ୨୧ ଫେବୃଆରୀରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନରେ ଲୋଏର ପିଏମଜି ଭୁବନେଶ୍ୱରରେ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦେଢ ଲକ୍ଷ ଶିକ୍ଷକ ଏକାଠି ହେବେ। ବିଦ୍ୟାଳୟରେ ଯେଉଁ ଅଚଳା ଅବସ୍ଥା ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟି ରହିବେ ବୋଲି ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଅର୍ଚ୍ଚନା ରାଣୀ ସେଠୀ, ସନ୍ତୋଷ କୁମାର ପୂଜାରୀ, ମଧୁସୂଦନ ନାୟକ, ବିଶ୍ୱନାଥ ରେଡ୍ଡୀ, ସରୋଜ କୁମାର ସ୍ୱାଇଁ, ରମେଶ ହରିଜନ, ବି. ଡାକୁଆ, ପି. ଚିନ୍ତା, ନାରାୟଣ ବେହେରା, ମନୋଜ କୁମାର ପାଳ, ଚୌଧୁରୀ ସଗରିଆ, କୂଳମଣି ଭୂୟାଁ, ବୈଦ୍ୟନାଥ ଖେମୁଡୁ, ଗୀତାଞ୍ଜଳି ବେହେରା, ନରେନ୍ଦ୍ର ନିଆଲ, ପ୍ରିୟବ୍ରତ ଗିରି, ସ୍ନେହଲତା ଦଳେଇ, ସଞ୍ଜୟ ବିଷୋୟୀ, ନକୁଳ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି ।

## ଚମ୍ପୁଆ ନଗରମଣ୍ଡଳର ୫ମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସମର୍ପଣ ଦିବସ

ଚମ୍ପୁଆ, ୧୩/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ନଗର ମଣ୍ଡଳର ୫ମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି । ବିଜେପି କାର୍ଯ୍ୟାଳୟଠାରେ ନଗରମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ସଶକ୍ତ ମଣ୍ଡଳ ଓ ମଜଭୁତ ବୁଥ ଗଠନ କରି ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ମଜଭୁତ କରିବାକୁ ପରାମର୍ଶ ଦେବା ସହିତ କାର୍ଯ୍ୟକର୍ତ୍ତାମାନେ ଅଧିକ କ୍ରିୟାଶୀଳ ହୋଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଘରେ ପହଂଚାଇବାକୁ ଆହ୍ୱାନ ଦେଇଥିଲେ । ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ମୁରଲୀ ମନୋହର ଶର୍ମା ବିଜେଡ଼ିର ୨୪ ବର୍ଷର ଅନ୍ଧାରୀ ଶାସନ କାଳରେ ଲୋକମାନଙ୍କ ମତାମତକୁ ଅଣଦେଖା କରୁଥିବା ସହ ଅମଲାତନ୍ତ୍ର ଶାସନକୁ କଡ଼ା ନିନ୍ଦା କରିଥିଲେ । ଅର୍ଥ ଓ ବାହୁବଳ ପ୍ରୟୋଗ କରି ଶାସକଦଳର ଭୋଟ ହାତେଇବା ନୀତି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ। ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ତଥା ଚମ୍ପୁଆ ନିର୍ବାଚନମଣ୍ଡଳୀ ପ୍ରଭାରୀ ରାଧାକାନ୍ତ ମହାନ୍ତ ସରକାରଙ୍କ ଆବାସ ତାଲିକାରେ ଅନିୟମିତତା, ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର କାର୍ଯ୍ୟାଦେଶ ନିଜ ଚେଲାଚାମୁଣ୍ଡାକୁ ଦେଇ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଛନ୍ଦି ହେବା, ଆଇନଶୃଙ୍ଖଳା ପରିସ୍ଥିତି ର ଅବନତୀ, ମହିଳାମାନେ ରାଜ୍ୟରେ ନିର୍ଯ୍ୟାତିତ, ଅସୁରକ୍ଷିତ ବୋଲି କହିଥିଲେ । ଚମ୍ପୁଆ ବ୍ଲକରେ ୪୦୦ରୁ ଉର୍ଦ୍ଧ ଯୋଗ୍ୟ ହିତାଧିକାରୀ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ଭତ୍ତା, ରେସନକାର୍ଡ଼ ବଣ୍ଟନରେ ଅନିୟମିତତା ଉପରେ ଗର୍ଜ୍ଜିଥିଲେ । ଏଠାରେ ସରକାରୀ ଅର୍ଥରେ ବ୍ୟାପକ ହରିଲୁଟ ସହ ରାସ୍ତା ଘାଟ, ନାଳନର୍ଦ୍ଦମା, ଡ୍ରେନେଗୁଡ଼ିକର ମରାମତି ଅଭାବରୁ ଆବର୍ଜନାମୟ ପରିବେଶ ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରଖର ରାଷ୍ଟ୍ରବାଦୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟ ତିଥିକୁ ଦଳ ସମର୍ପଣ ଦିବସ ଭାବେ ପାଳନ କରୁଛି । ତେଣୁ ଚମ୍ପୁଆରେ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଜର ସମର୍ପଣ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଅର୍ପଣ କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ପ୍ରଭାରୀ ସଞ୍ଜିବ ମହାନ୍ତି ଲୋକସଭା ସଂଯୋଜକ ଶୁକଦେବ ମହାନ୍ତ, ଜିଲା ସାଧାରଣ ସଂପାଦକ ଅନୁବ୍ରତ ବେହେରା, ଚମ୍ପୁଆ ବିଧାନସଭା ସଂଯୋଜକ ଦେବପ୍ରସାଦ ମିଶ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚର୍ଚ୍ଚିଲ ମହାକୁଡ଼, ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅଭିନୟ ସାହୁ, ସଂପାଦକ ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଚମ୍ପୁଆ ନଗର ମଣ୍ଡଳ ସାଧାରଣ ସଂପାଦକ ସଞ୍ଜୟ ଗିରି ମଂଚ ପରିଚାଳନା କରିଥିଲା ବେଳେ ସଂପାଦକ ରମେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରପୁଡୁଗିଆ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗିର , ୧୩/୦୨ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରବି କୁମୁରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମୃତା କର, ସ୍କୁଲ ଚେୟାରମେନ ବିଭୁକଲ୍ୟାଣ ନାଗ, ଇଂ. ରଶ୍ମିତା ମହାନ୍ତି, ସଂଗଠକ ରାମ ପ୍ରସାଦ ମିଶ୍ର, ନରସିଂହ ପ୍ରଧାନ, ଯଜ୍ଞେଶ୍ୱର ସାଏ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମର ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଚୈତନ୍ୟ ସା, ସନ୍ତୋଷ ନାରାୟଣ ମିଶ୍ର, ବିଘ୍ନରାଜ ସାଏ, ବିଜୟ ମହଲା, ଲବ ନାଗ, ଘାସିରାମ ଭୋଇ, ସ୍ୱୟଂ ସହାୟକ ଗୋଷ୍ଠି, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଶ୍ରୀ ରାଉତ ଏବଂ ଅଶୋକ ଭୁୟାଁ ସହଯୋଗ କରିଥିଲେ । ଗାଁ ରେ ପିଇବା ପାଣି ଏବଂ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ବିଧାୟକଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଉପସ୍ଥିତ ଜଳଯୋଗାଣ ଯନ୍ତ୍ରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## କେନ୍ଦୁଝରଗଡ଼ ମ୍ୟୁନିସିପାଲଟିରେ ଅବହେଳିତ ପୋଖରୀର ପୁନରୁଦ୍ଧାର କେବେ ?

କେନ୍ଦୁଝର, ୧୩/୦୨ (ନି.ପ୍ର): କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ଅଂଚଳରେ କେତେକ ପୋଖରୀ ସମ୍ପ୍ରତି ଅବହେଳିତ ତଥା ପରିତ୍ୟକ୍ତ ଅବସ୍ଥାରେ ପଡିରହିଅଛି । ସେଥିପ୍ରତି ମ୍ୟୁନିସପାଲଟି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡିବା ନିହାତି ଦରକାର । ସହର ମଧ୍ୟରେ ୧୩ ନମ୍ବର ୱାର୍ଡ ତଥା ମନୋଜମଞ୍ଜରୀ ଶିଶୁ ଭବନ ପାର୍ଶ୍ୱରେ ତଥା କନଭେଂଟ ସ୍କୁଲ ପଛପଟେ ରହିଥିବା ରାଜାଙ୍କ ସମୟର ପୋଖରୀ, ଡି.ଆର.ଡି.ଏ. ଅଫିସ ସମ୍ମୁଖ ପୋଖରୀ, ଶିରିପୁର ପୋଖରୀ, ସାମନ୍ତରାପୁର ଶାସନ ପୋଖରୀ ଆଦି ଏକାଧିକ ପୋଖରି ଆଜି ବି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ତେଣୁ ସେଗୁଡିକର ପୁନରୁଦ୍ଧାର ସହ ସୋନ୍ଦର୍ଯ୍ୟକରଣର କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତା ରହିଅଛି।

କେନ୍ଦୁଝରରେ ଜଳସଙ୍କଟ ଲାଗି ରହିଥିବା ବେଳେ ଏଭଳି ପରସ୍ଥିତିରେ ପୋଖରୀଗୁଡିକର ପୁନରୁଦ୍ଧାର ଜରୁରୀ ହୋଇପଡିଛି । ତେବେ କେତେକ ସ୍ଥାନରେ ପୋଖରୀ ପୋତି ଏହା ଉପରେ ଗୃହ ନିର୍ମାଣ କରାଗଲାଣି ତ ଆଉ କେତେକ ସ୍ଥାନରେ ପୋଖରୀ ପୋତାଯିବାର ଉଦ୍ୟମ ଆରମ୍ଭ ହୋଇଛି । ରକ୍ଷଣାବେକ୍ଷଣା, ପଙ୍କୋଦ୍ଧାର ଓ ସଫେଇ ଅଭାବରୁ ଏସବୁ ପୋଖରୀ କ୍ରମଶଃ ବ୍ୟବହାର ଅନୁପଯୋଗୀ ହେବା ଏବଂ ପୋତିହୋଇପଡିବା ସହ ସଙ୍କୁଚିତ ହେବାରେ ଲାଗିଛି । ଏ ଦିଗରେ କେନ୍ଦୁଝରଗଡ଼ ମ୍ୟୁନିସପାଲଟି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଲାଗି ବିଭିନ୍ନ ମହଲରୁ ଦାବୀ ଉଠିଛି । ଅନୁରୁପ ଭାବେ ଜିଲ୍ଲାପାଳ ଲୋକଙ୍କ ସମୁହ ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆବଶ୍ୟକ ଅର୍ଥ ଡିଏମ ଫଣ୍ଡରୁ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି ପୌରବାସୀ ଆଶା ରଖିଛନ୍ତି। ଏବଂ ମ୍ୟୁନିସିପାଲଟିର ନିର୍ବାଚିତ ପ୍ରତିନିଧିମାନଙ୍କର ମଧ୍ୟ ଏ ଦିଗରେ ସେମାନଙ୍କର ରହିଥିବା ଦାୟିତ୍ୱବୋଧକୁ ଉପଯୋଗ କରିବେ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

## ହଳଦିଆ ତେଲି ଜାତିର ସାଂଗଠନିକ ଇତିହାସର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ

ବଲାଙ୍ଗୀର, ୧୩/୦୨ (ନି.ପ୍ର): ଯୋଗିମୁଣ୍ଡା ନିକଟସ୍ଥ ଠକପଡା ଗ୍ରାମରେ ହଳଦିଆ ତେଲି ବୈଶ୍ୟ ସାହୁ ସମାଜର ଶୀର୍ଷ ସଭାପତି ସହଦେବ ସାହୁ ଙ୍କ ଲିଖିତ ଓ ତଥ୍ୟ ସଂଗୃହିତ ହଳଦିଆ ତେଲି ଜାତିର ସାଂଗଠନିକ ଇତିହାସ ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ରେ ସାନ ବଲାଙ୍ଗାପାଳି ଅଂଚଳର ସଭାପତି ଜଳଧର ସାହୁ, ଶୀର୍ଷ ସଭା ର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ବାଘମୁଣ୍ଡ ଚକ ସଂପାଦକ ବନମାଳୀ ସାହୁ, ଜାମବାହାଲ ଗ୍ରାମର ହରେକୃଷ୍ଣ ସାହୁ, ଠକପଡା ଗ୍ରାମ ସଭ୍ୟ ଶ୍ୟାମ ସୁନ୍ଦର ସାହୁ, ବେଣୁଧର ସାହୁ, ଦଶରଥ ସାହୁ, ଫୁଡୁକୁପଡାର ଶ୍ରୀବସ୍ତ ସାହୁ ସମେତ ଅଂଚଳର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ। ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିଗଣ ଲେଖକ ସହଦେବ ସାହୁଙ୍କ ଜନ୍ମ, ବାଲ୍ୟଶିକ୍ଷା, ଶିକ୍ଷକତା ତଥା ସମାଜସେବା ସହିତ ତାଙ୍କର ମହନୀୟ ଗୁଣଗାନ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଜାତିର ସାଂଗଠନିକ ଇତିହାସ ମଧ୍ୟରେ ସମସ୍ତ ତଥ୍ୟକୁ ସକରାତ୍ମକ ମନୋଭାବ ରଖି ପଠନ କରିବେ ଓ ଆବଶ୍ୟକସ୍ଥଳେ ନୂତନ ତଥ୍ୟ ପ୍ରଦାନ କଲେ ଇତିହାସ ପୁସ୍ତକର ପରବର୍ତ୍ତୀ ସଂସ୍କରଣରେ କଳେବର ବୃଦ୍ଧି ସ୍ୱରୁପ ପରିମାର୍ଜନ, ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯିବା ପାଇଁ ମତ ଆସିଥିଲା ।

## ଚୁଡ଼ାପାଲି ସରକାରୀ ଉନ୍ନିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

ବଲାଙ୍ଗୀର, ୧୩/୦୨ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର (ଆଦିବାସୀ ଓ ହରିଜନ ବିଭାଗ) ର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ନବ କୁମାର ମିଶ୍ର, ସମ୍ମାନିତ ଅତିଥି ଅଧ୍ୟକ୍ଷ କଣ୍ଟାବାଞ୍ଜି କଲେଜ ସତ୍ୟବ୍ରତ ମିଶ୍ର, ପ୍ରଧାନ ଶିକ୍ଷକ କୁଶଳେଶ୍ୱର ମିଶ୍ର, ସମାଜସେବୀ ଲୋକନାଥ କୁମୁରା, ସ୍ଥାନୀୟ ସରପଂଚ ଲକ୍ଷ୍ମୀ ନନ୍ଦ , ଭୁଣ୍ଡିମୁହାଣ ସରପଂଚ ଶ୍ରୀୟା ସାହୁ ପ୍ରମୁଖ ମଂଚାସିନ ଥିଲେ । ଶ୍ରୀ ମିଶ୍ର ଆଦିବାସୀ ଅଧୁଷିତ ଅଂଚଳ ରେ ଏହି ବିଦ୍ୟାଳୟ କୁ ଉନ୍ନିତ କରି ବିଜ୍ଞାନ ବିଭାଗ ଖୋଲିବା ଦ୍ୱାରା ଏ ଅଂଚଳର ଛାତ୍ର ଛାତ୍ରୀ ଙ୍କ ପାଠ ପଢାରେ ଉନ୍ନତି ଦେଖି ବହୁତ ଖୁସିବ୍ୟକ୍ତ କରିଥିଲେ । ଅଧ୍ୟକ୍ଷା ସୁଜାତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲା, ସୁନିତା ନାଏକ ମଂଚ ପରିଚାଳନା, ପୁରସ୍କାର ବିତରଣୀ କାର୍ଯ୍ୟ ଦିପ୍ତିମୟୀ ରଥ ଏବଂ ସାଗରିକା ମିଶ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଆର୍ତ୍ତତ୍ରାଣ ଗର୍ଡିଆ, କିଶୋର କୁମ୍ଭାର ଏବଂ ପ୍ରିୟଙ୍କା ପ୍ରିୟଙ୍କା ପରିଦର୍ଶନୀ ପଣ୍ଡା ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ଯଶୋବନ୍ତ ନାରାୟଣ ମିଶ୍ର ଅଧ୍ୟାପକ କଣ୍ଟାବାଞ୍ଜି, ନିଳମଣି ଘିଭେଲା କପିଳେଶ୍ୱର ମୁଦୁଲୁ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୬ ଗୋଟି ଦଳ ଯଥା ଓଡିଶି, ଦେଶଭକ୍ତି, କୋସଲି, ହିନ୍ଦି, ପଞ୍ଜାବି, ତେଲଗୁ ଉପରେ ନୃତ୍ୟ ପରିବେଷଣ କରିଥିଲେ ।

## ଧମଣାସରରେ ମାଁ ଭୈରବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଲାଙ୍ଗିର, ୧୩/୦୨ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଧମଣାସର ଗ୍ରାମରେ ମାଁ ଭୈରବୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ପୂଜନୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ୪ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ୧୦ ତାରିଖ ଦିନ ମାଁଙ୍କର ବିଗ୍ରହ ମୁର୍ତ୍ତି ମନ୍ଦିର ରେ ସ୍ଥାପନ କରାଯାଇଥିଲା । ଏହି ଉତ୍ସବରେ ୭ ଦିନ ବ୍ୟାପି ଭାଗବତ ସପ୍ତାହ, ୧୬ ପ୍ରହର ନାମ ସଙ୍କିର୍ତ୍ତନ, ପ୍ରବଚନ, ଭଜନ ସମାରୋହ, ମୀନା ବଜାର ଅନୁଷ୍ଠିତ ହୋଇଯାଇଛି । ଶେଷ ଦିନରେ ସଂଯୋତ କଳାକେନ୍ଦ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବକୁ ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର, ଉପ-ସଭାପତି କନ୍ଦର୍ପ ଖମାରୀ, ସଂପାଦକ ବଂଶିଧର ମିଶ୍ର, ସହ-ସଂପାଦକ ଯଦୁମଣି ଶବର, କୋଷାଧ୍ୟକ୍ଷ ସଂଜୟ ଥନାପତି, ପୀତବାସ ନାଏକ, କାର୍ତ୍ତିକ ଜାଲ, ବେଦବ୍ୟାସ ନାଏକ, ଯୁବନେତା ରାମ ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଯଜ୍ଞକର୍ତ୍ତା କନ୍ଦର୍ପ ଖମାରୀ, ସପ୍ତାହ କର୍ତ୍ତା ଟିମା ନାଏକ, ନାମଯଜ୍ଞ କର୍ତ୍ତା କାର୍ତ୍ତିକ କପାଟ ଦାୟିତ୍ୱ ନିର୍ବାହ କରିଥିଲେ । ନନ୍ଦିକିଶୋର ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାତା ଭୈରବୀ ମନ୍ଦିର ନିର୍ମାଣ କରାଯାଇଥିଲା ଏବଂ ଗ୍ରାମବାସୀ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



## କୃଷି ଓଡ଼ିଶା ୨୦୨୩ ୱେବ୍‌ସାଇଟ ଲୋକାର୍ପିତ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଚଳିତ ଫେବୃଆରୀ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା ୨୦୨୩' ଅନୁଷ୍ଠିତ ହେବ। କୃଷି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ କୃଷିମେଳାରୁ ଚାଷୀମାନଙ୍କଠାରୁ ମିଳୁଥିବା ମତାମତ ଓ ସେମାନଙ୍କର ଅନୁଭୂତିକୁ ଆଧାର କରି ରାଜ୍ୟ ସରକାର କୃଷି କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି । କୃଷି ବିକାଶ ଯୋଜନା ଏବଂ ଆଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିକୁ କୃଷକମାନଙ୍କ ନିକଟତର କରିବା ପାଇଁ ଚଳିତ ବର୍ଷ ପ୍ରଥମଥର ପାଇଁ ଆଂଚଳିକ କୃଷିମେଳାର ଆୟୋଜନ କରାଯାଇଛି ଓ ପ୍ରତି ଜିଲ୍ଲାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ତିନିଦିନିଆ କୃଷି ଓଡ଼ିଶାକୁ ୧୬ ତାରିଖ ଦିନ ୧୧ ଘଟିକା ସମୟରେମୁଖ୍ୟମନ୍ତ୍ରୀ ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ୧୮ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ କୃଷି ଓଡ଼ିଶାରେ ମୋଟ ୧୭୫ ଗୋଟି ମଣ୍ଡପ ପ୍ରଦର୍ଶିତ ହେବ। ଏଥିରେ କୃଷି, ଉଦ୍ୟାନକୃଷି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ମିଶନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଜାତୀୟ ଧାନ ଗବେଷଣା କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ବୈଷୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ବ୍ୟବସାୟିକ ପ୍ରତିଷ୍ଠାନ, କୃଷି ସାମଗ୍ରୀ ବିତରକ, କୃଷି ଉତ୍ପାଦନ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓଡ଼ିଶା ମିଲେଟ୍ ମିଶନ ଆଦି ସଂସ୍ଥା ଭାଗନେବେ। ଏହି ଅବସରରେ ୧୦ ଗୋଟି ବିଷୟବସ୍ତୁ ଉପରେ କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ସହ ଆଲୋଚନାଚକ୍ରର ଆୟୋଜନ କରାଯାଇଛି । କ୍ଷୁଦ୍ରଶସ୍ୟ, ଧାରଣକ୍ଷମ ବିହନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା, ଚିରନ୍ତନ କୃଷି, ଜଳସେଚିତ ଅଂଚଳରେ ଘରୋଇ ସଂପ୍ରସାରଣ, ଉଦ୍ୟାନକୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ ଓ ପ୍ରାକୃତିକ ସଂପଦର ସୁପରିଚାଳନା ଆଦି ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ।

# ଜଳେଶ୍ୱର କୃଷି କ୍ଷେତରେ ହସୁଛି ସୁନାର ଢେଉ

## ୪୦୦ ହେକ୍ଟର ଜମିରେ ସୋରିଷ ଚାଷ : ଜିଲ୍ଲା କୃଷି ଅଧିକାରୀଙ୍କ ପରିଦର୍ଶନ



ଜଳେଶ୍ୱର, ୧୩/୨(ନି.ପ୍ର): ବାଲେଶ୍ୱର ଜିଲାରେ ଜଳେଶ୍ୱର ଏକ କୃଷି ପ୍ରଧାନ ବ୍ଲକ ହୋଇଥିବା ବେଳେ ଚଳିତବର୍ଷ ୪ଶହ ହେକ୍ଟର ଜମିରେ ସୋରିଷ ଚାଷ ହୋଇଥିବା ଜଣାଯାଇଛି । ବିଭିନ୍ନ ସୁବିଧା, ଅସୁବିଧା ସୂଚନା ପାଇ ଆଜି କୃଷି ଜିଲା ଅଧିକାରୀଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ଜଣାଯାଇଛି। ସୋରିଷ ଅମଳ ପରେ ଅଭାବି ବିକ୍ରିର ସମ୍ଭାବନା ସଂପର୍କରେ ଆଜି ବହୁ ସୋରିଷ ଚାଷୀ ସାମ୍ବାଦିକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ, ପାଇକସିଦା, ଗଡସାହି ବାଲିଆପାଳ, ରାୟାଁରାମଚନ୍ଦ୍ରପୁର, ଶିଖରପୁର, ଶ୍ରୀରାମପୁର, ଦକ୍ଷିଣପ୍ରହରାଜପୁର, ମାକିଡିଆ ଓ ଓଲମରା ପଂଚାୟତ ନଇକୂଳିଆ ହୋଇଥିବାରୁ ଏଥିରେ ସୋରିଷ ଚାଷ ହୋଇଥାଏ । ବାଲିମିଶା ପଟୁମାଟିରେ ଶୀତଋତୁ ପ୍ରାରମ୍ଭରେ ସୋରିଷ ବୁଣାଯାଇଥାଏ । ଶୀତ ଓ ଉତ୍ତର ପବନ ଯୋଗୁଁ ସୋରିଶ ଭଲ ବଢେ ଓ ଫଳେ । ଚଳିତବର୍ଷ ବିଭାଗ ପକ୍ଷରୁ ୯୦ହେକ୍ଟର ଜମିରେ ପ୍ରଦର୍ଶନ (ଡେମନଷ୍ଟେସନ୍) ମାଧ୍ୟମରେ ସୋରିଷ ଚାଷ ଲାଗି ବ୍ୟବସ୍ଥା କରାଯାଇଥିଲା । ପ୍ରାୟ ୩୫୦ ଚାଷୀଙ୍କୁ ଦୁଇକେଜିଆ କିଟ୍ ଯୋଗାଇ ଦିଆଯାଇଥିଲା । ଏହା ବାଇଗଣବାଡିଆ, ପାଇକସିଦା, ରାୟାଁରାମଚନ୍ଦ୍ରପୁର, ଶ୍ରୀରାମପୁର ଓ ଦକ୍ଷିଣ ପ୍ରହରାଜପୁରରେ ଏପରି ଫାଉଣ୍ଡେସନ ବିହନ ଦିଆଯିଥିବା କୃଷି ବିଭାଗ ପକ୍ଷରୁ ପ୍ରକାଶ । ଅଦ୍ୟାବଧି ଶୀତ ଓ ଥଣ୍ଡା ରହିଥିବାରୁ ଚଳିତବର୍ଷ ଭଲ ସୋରିଷ ଫଳିଛି । ଡେମନଷ୍ଟେସନରେ ପାଇଥିବା ୩୫୦ ଚାଷୀଙ୍କୁ ହେକ୍ଟର ପ୍ରତି ୧୨ଶହ ଟଙ୍କା ଲେଖାଏଁ ଡିବିଟି ଜରିଆରେ ଅର୍ଥ ଯୋଗାଇ ଦିଆଯାଇଛି । ଚାଷୀ କୀଟମରା ଔଷଧ କିଣିଲେ ୧୨ଶହ ଟଙ୍କା ସବ୍‌ସିଡି ପାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ସରକାରୀ କାର୍ଯ୍ୟାଳୟରୁ କୀଟମରା ଔଷଧ ୫୦ଭାଗ ରିହାତିରେ ମିଳୁଥିବା ବେଳେ ଏବେ ଔଷଧର ମୂଲ୍ୟ ଶତ ପ୍ରତିଶତ ଦେଇ କିଣିବାକୁ ପଡୁଥିବାରୁ ବହୁ ଚାଷୀ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଜି ଏଡିଓ ପ୍ରଦୀପ କୁମାର ମହାନ୍ତି, ବିଏଓ ସଂଜିବ କୁମାର ରାଉତ, ଏଏଓ ରାଜଲକ୍ଷ୍ମୀ ମହାନ୍ତି, ଗ୍ରାମ କୃଷି ଅଧିକାରୀ କମଳ ମାଝୀ, ସେକ୍ ଅବଦୁଲ ରାଜ ପ୍ରମୁଖ ବିଭିନ୍ନ ଅଂଚଳର ସୋରିଷ କ୍ଷେତ କୁଲି ଦେଖିଛନ୍ତି । ଜଳେଶ୍ୱର ଅଂଚଳରେ ପ୍ରାୟ ୧୦ହଜାର ହେକ୍ଟର ଜମିରେ ରବିଋତୁରେ ଚାଷ ହୋଇପାରୁଥିବାରୁ ସେଥି ମଧ୍ୟରୁ ମାତ୍ର ୪ଶହ ହେକ୍ଟର ଜମିରେ ସୋରିଷ ଚାଷୀମାନେ ଏପରି ଚାଷ ଉପୁଜାଇଥାନ୍ତି। ସରକାରୀ କିଟ ଓ କୀଟମରା ଔଷଧ, ଜଳ ସେଚନର ବ୍ୟବସ୍ଥା ଏବଂ ଗୋଷ୍ଠି ଭିତ୍ତିକ ଚାଷ ଆରମ୍ଭ ହେଲେ କୃଷକ ମାନେ ଅଧିକ ଲାଭପ୍ରଦ ହୁଅନ୍ତେ ଓ ଧାନଚାଷ ବଦଳରେ ସୋରିଷ ଭଳି ଅର୍ଥକାରୀ ଫସଲକୁ ଆଦରି ନିଅନ୍ତେ ବୋଲି ଚାଷୀମାନେ କହିଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଡ.ରବୀନ୍ଦ୍ର ମୋହନ ଦାସଙ୍କ ୧୧୨ତମ ଜୟନ୍ତୀ ପାଳିତ



ବାଲେଶ୍ୱର, ୧୩/୦୨ (ନି.ପ୍ର): ରବୀନ୍ଦ୍ରମୋହନ ଦାସ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ବିଧାୟକ, ପ୍ରଜା ସୋସାଲିଷ୍ଟ ପାର୍ଟିର ତୁଙ୍ଗନେତା, ସର୍ବୋପରି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାର ଅଗ୍ରସାରଥି ଡକ୍ଟର ରବୀନ୍ଦ୍ର ମୋହନ ଦାସଙ୍କ ୧୧୨ତମ ପୁଣ୍ୟ ଜୟନ୍ତୀ ଉତ୍ସବ ଅବସରରେ 'ଗାନ୍ଧି ଆନ୍ ଇକୋନମି ଇନ୍ ଟୁଡେଜ ୱାର୍ଲଡ୍' ଶୀର୍ଷକ ଆଲୋଚନାଚକ୍ର ବ୍ୟାସବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧିସ୍ମାରକ ନିଧି ଓଡ଼ିଶାର ସଭାପତି ଶ୍ରୀମତୀ କ୍ରୀଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଗାନ୍ଧିବାଦର ଅନ୍ୟତମ ପ୍ରବକ୍ତା ମହାନ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ ଓ ତାଙ୍କ ସହ ଧର୍ମିଣୀ ସାହିସିନୀ ଗୋଦାବରୀ ଦେବୀଙ୍କ ଜୀବନ ଓ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ଡ.ସୁନୀଲ ପାଢ଼ୀ, ଡ.ରୂପନାରାୟଣ ଦାସ, ଗୁରୁକଲ୍ୟାଣ ମହାପାତ୍ର, ଡ.ପ୍ରଭା ପଣ୍ଡା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଗାନ୍ଧି ଅର୍ଥନୀତିର ପ୍ରସଙ୍ଗିକତା ସହ ରବୀନ୍ଦ୍ର ଓ ଗୋଦାବରୀ ଦେବୀଙ୍କ ସଂଗ୍ରାମମୟ ଜୀବନର ସ୍ମୃତିଚାରଣ କରିଥିଲେ । ରବୀନ୍ଦ୍ର ମୋହନ ଦାସ ଫାଉଣ୍ଡେସନ ଟ୍ରଷ୍ଟ ସଭାପତି କବୀ ଯଶୋଧାରା ଦାସ ଟ୍ରଷ୍ଟର ଆଭିମୁଖ୍ୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ପ୍ରକାଶିତ ଯଶୋଧାରା ଦାସଙ୍କ ଲିଖିତ 'ଗାନ୍ଧିଜୀଙ୍କ ଓଡ଼ିଆ ଶିକ୍ଷୟିତ୍ରୀ ସ୍ୱାଧୀନତା ସଂଗ୍ରାମୀ ଗୋଦାବରୀ ଦେବୀ' ପୁସ୍ତକକୁ ମୁଖ୍ୟ ଅତିଥି ଶ୍ରୀମତୀ କ୍ରୀଷ୍ଣା ମହାନ୍ତି ଉନ୍ମୋଚନ କରିଥିଲେ । ଉତ୍ସବରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ବାଲିଆପାଳ ମହୋତ୍ସବର ସପ୍ତମ ସନ୍ଧ୍ୟା

## ବାଲିଆପାଳରେ ବନ୍ଦର ଏକ ସ୍ୱପ୍ନ ନୁହେଁ ବାସ୍ତବ ସତ୍ୟ - ରବୀନ୍ଦ୍ର



ବାଲିଆପାଳ, ୧୩/୦୨ (ନି.ପ୍ର): ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଏକ ସ୍ୱପ୍ନ ନୁହଁ ଏହା ଖୁବ ଶୀଘ୍ର ବାସ୍ତବ ରୂପ ନେବାକୁ ଯାଉଛି । ୫ହଜାର କୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ଏବେ ୯ ହଜାର କୋଟି ଟଙ୍କାରେ ପହଂଚିଛି । ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଅଂଚଳବାସୀ ଏହାକୁ ବିରୋଧ ନକରି ସହେଯାଗଗ କରନ୍ତୁ । ଏହି ବବନ୍ଦର ବାଲିଆପାଳ ବିକାଶ ଧାରାର ଏକ ବଡ ମାଧ୍ୟମ ହେବ ବୋଲି ଆଜି ଦଶମ ବାଲିଆପାାଳ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନା ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ଆବାହକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ତଥା ବିଜୁଜନତାଦଳର ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଆଞ୍ଚଳର ବିକାଶ ବୋଲି କହିଥିଲେ। ବାଲିଆପାଳରେ ମେଗା ପାନୀୟ ଜଳ ପ୍ରକଳ୍ପ, ପନ୍ତେଇ ଘାଟରେ ପୋଲ, ପେଜଗାଳା ସେତୁ ଭଳି ବହୁ ସ୍ୱପ୍ନର ପ୍ରକଳ୍ପକୁ ତାଙ୍କ ଉଦ୍ୟମରେ ସଫଳରୂପ ଦେବାରେ ସମ୍ଭବ ହୋଇପାରିଥବା ବେଳେ ମହୀତସବ କମିଟି ମଧ ବାଲିଆପାଳର ସ୍ୱାର୍ଥପାଇଁ ଯେତେ ବଡ ପ୍ରଜେକ୍ଟର ପ୍ରସ୍ତାବ ଆଗତତ କରିବେ ତାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଧମରେ ସଫଳ ରୂପାୟନ ଦେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରତତିଶୃତି ଦେବା ସସହ ଏହାର ସମସ୍ତତ ଶ୍ରେୟ ମହୋତ୍ସବ କକମିଟିକୁ ଯିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ସମ୍ବାଦ ଆମ ଓଡ଼ିଶା ରାଜ୍ୟ ସଂଯୋଜକ ସଞ୍ଜୟ କୁମାର ପାତ୍ର ଯୋଗଦେଇ ପରମାଣୁ ବୋମାର ଶକ୍ତି ଠାରୁ ବହୁ ଅଧିକ ଶକ୍ତି ପିତାମାତାଙ୍କ ଆଶୀର୍ବାଦ। ମଣିଷର ବିକାଶ ସେତେବେଳେ ହେବ ଯେତେବେଳେ ମଣିଷ ତାର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିବ। ପିତାମାତାଙ୍କ ଆଶୀର୍ବାଦ ବିନା ବ୍ୟକ୍ତିର ବିକାଶ ଅସମ୍ଭବ ବୋଲି ଶ୍ରୀ ପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିଆପାଳ ବ୍ଲକ ଗୋଷ୍ଠୀଉନ୍ନୟନ ଅଧିକରୀ ବିନୋଦ କୁମାର ପଣ୍ଡା ଯୋଗଦେଇ ଅନ୍ୟତମ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ପଣ୍ଡା ଏବଂ ଛାତ୍ର ବିଜେଡି ଜିଲ୍ଲା ସଭାପତି ସୀମନ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ବାସୁଦେବପୁର, ୧୩/୦୨ (ନି.ପ୍ର): ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଇତି ମଧରେ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳ ରେ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଂ ଓ ରୂପଖଣ୍ଡ ବାଲେଶ୍ୱର ଅଂଶ ଗ୍ରହଣ କରିଥିଲେ । ଏଥିରେ ବାସୁଦେବପୁର ୨୦ ଓଭର ରେ ୨୦୯ ରନ କରିଥିଲା ବେଳେ ବାଲେଶ୍ୱର ସମସ୍ତ ଉଇକେଟ ହରାଇ ୧୨୭ ରନ କରିଥିଲେ । ବାସୁଦେବପୁର ବିଜୟୀ ହୋଇ ଥିଲା । ଅମର ପାଢ଼ୀ ମ୍ୟାନ ଅଫ ଦି ମ୍ୟାଚ ଓ ସୁଶୀଲ ବେହେରା ମ୍ୟାନ ଅଫ ଦି ସିରିଜ ହୋଇଥିଲେ । ଖେଳ ପରିଚାଳନା କରିଥିଲେ ଶରତ ଜେନା ଓ ହେମନ୍ତ ମଲିକ । ଡାକ୍ତର ସରୋଜ ବେହେରା ଓ ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳି ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ମନୋଜ ସାହୁ, ପ୍ରଫୁଲ୍ଲ ବେହେରା, ଦୀପକ ପୋଇ କ୍ଷ ନିଶିକାନ୍ତ ମହାନ୍ତି, ମନ୍ତୁ, ବୀରେନ୍ଦ୍ର ଜେନା, ସୁରେଶ ସାହୁ, ସ୍ୱପ୍ନ ସାଗର ନାୟକ, ବିଦ୍ୟାଧର ମହାନ୍ତି, ଜଡ଼ା, ମିନିଆ, ବନା, ରଘୁନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଆଦର୍ଶଗ୍ରାମ ଯୋଜାନାରେ ମିରିପୁର ଖଇରା ସାମିଲ

ଖଇରା, ୧୩/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଟା ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜାନାରେ ସାମିଲ ହେବା ସୋମବାର ଏଥି ନିମିତ୍ତ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସମାଜ ମଙ୍ଗଳ ଉନ୍ନୟନ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ ଯୋଗ ଦେଇ ଗ୍ରାମର ପକ୍କାରାସ୍ତା,ଜଳନିଷ୍କାସନ ବ୍ୟବସ୍ଥା,ଉଜଳ ଆଲୋକ,ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ ଗ୍ରାମ ସୌନ୍ଦର୍ଯ୍ୟକରଣ ପାଇଁ ନିଆଯାଇଥିବା ଅନ୍ୟାନ୍ୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଏଥିପାଇଁ ୪୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବ ବୋଲି ପ୍ରକାଶ କରିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ସଫଳ ରୁପାୟନ ପାଇଁ ସମସ୍ତଙ୍କ ସହଭାଗିତା କାମନା କରିଥିଲେ । ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ,ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ, ୱାର୍ଡସଭ୍ୟ ରତ୍ନାକର ପଣ୍ଡା, ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସାମଲ, ଜିଆରଏସ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରୂପସା ମହୋତ୍ସବ ଉଦ୍‌ଯାପିତ



ରୂପସା, ୧୩/୦୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ୧୧ ତମ ବାର୍ଷିକ ରୂପସା ମହୋତ୍ସବ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଜିଲା କଂଗ୍ରେସ ସଭାପତି ସଂଜୀବ ଗିରି ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ଯୋଗ ଦେଇ ଉଙ୍କି ମାରୁଥିବା ପ୍ରଶ୍ନରେ ସାମଗ୍ରିକ ସମାଧାନ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଆଙ୍କୋ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା, ଯୁବ ନେତା ଲମ୍ବୋଦର ଜେନା ପ୍ରମୁଖ ମଞ୍ଚାସିନ ଥିଲେ । କମିଟିର ମୁଖ୍ୟ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ ଏହି ଉତ୍ସବରେ ପୌରାହିତ୍ୟ କରିଥିଲେ । କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ଓ ଷ୍ଟାର କ୍ଲବ ସମ୍ପାଦକ ଚନ୍ଦନ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ କ୍ଷ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ । ଉପଦେଷ୍ଟା ବିନୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅରକେଷ୍ଟ୍ରକ୍ଷ କଟକ ତରଫରୁ କଣ୍ଠଶିଳ୍ପୀ ଦେବେଶ ପତି ଓ ଗାୟିକା ଜ୍ୟୋତିର୍ମୟୀଙ୍କ ଗୀତର ତାଳେ ତାଳେ ଦର୍ଶକ ମାନେ ବିଭୋର ହୋଇଯାଇଥିଲେ । ଆରାଧନାଙ୍କ ମଞ୍ଚ ସଂଯୋଜନା ଓ ନୃତ୍ୟ ଦର୍ଶକମାନଙ୍କୁ ଆକର୍ଷଣ କରି ରଖିଥିଲା । ଉପଦେଷ୍ଟା ଜୟନ୍ତ କୁମାର ପାଣିଗ୍ରାହୀ, ବାଞ୍ଛାନିଧି ଦେ,ସୁଧାକର ଗିରି, କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ, ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, କୋଷାଧକ୍ଷ ଦୀପକ ସାମଲ, ହେମନ୍ତ ସେନାପତି, ସୁନୀଲ ଦାସ, ମୁନା ଜେନା, ପ୍ରମୋଦ ଗିରିଙ୍କ ସମେତ ସମସ୍ତ କର୍ମକର୍ତ୍ତା ୬ ଦିନ ବ୍ୟାପୀ ଉତ୍ସବ ପରିଚାଳନା କରିଥିଲେ ।

# ବାହାଘର ପ୍ରୋସେସନ ବେଳେ କାଳହେଲା ବାଣ ଫୁଟା : ଅଗ୍ନି ସଂଯୋଗରେ ଜଳିଗଲା ୧୧ବଖରା ଘର



ବସ୍ତା, ୧୩/୦୨ (ନି.ପ୍ର): ବାହାଘର ପ୍ରସେସନବେଳେ ବାଣ ଫୁଟା ନିଆଁରେ ଜଳିଗଲା ୧୨ବଖରା ଘର କ୍ଷଆନୁମାନିକ, ୧୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ବାହାର୍ଦ୍ଦା ପଞ୍ଚାୟତ ଗାନ୍ଧିଛକ ବାହାର୍ଦ୍ଦା ବସ୍ତି ରେ ଘଟିଛି ଅଭାବନୀୟ ଘଟଣା, ଆଜି ଅପରାହ୍ନରେ ସିଂଲା ଥାନା ଅନ୍ତର୍ଗତ କାଦରାୟାଁ ଗ୍ରାମରୁ ବରଯାତ୍ରୀ ନେଇ ପ୍ରୋସେସନ କରି ବସ୍ତି ଭିତରେ ଯିବା ସମୟରେ ବାଣ ଫୁଟିବା ଯୋଗୁ ବସ୍ତି ଭିତରେ ଥିବା ନଡା ଛପର ଘରେ ନିଆଁ ଲାଗି ଯାଇଥିଲା । ସ୍ଥାନୀୟ ଲୋକେ ନିଆଁ କୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ହନିଫ ଖାଁଙ୍କ ଦୁଇବଖରା, ହସିମ ଖାଁ ର ଏକବଖରା, ନସିମ ଏକବଖରା, ଜସିମଖାଏକ, ଜାଲିଦଖାଁଏକ ବଖରା, ସେକ ଜହିମ ଉଦ୍ଦିନ ଦୁଇବଖରା, ନିଖିଲ ମଣ୍ଡଳ ଏକ ବଖରା ରିଆଜ ଉଦ୍ଦିନ, ଦୁଇବଖରା ମୋଟ ୧୧ବଖରା ଘର ଗୁଡିକ ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତ ହୋଇ ଯାଇ ଥିଲା । ଖବର ପାଇ ବସ୍ତା ଅଗ୍ନିଶମ ବିଭାଗ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଂଆ କୁ ଆୟତ୍ତ କରିବା ପାଂଇ ଚେଷ୍ଟା କରିଥିଲେ ମଧ ଘର ଗୁଡିକ ସମ୍ପୂର୍ଣ୍ଣ ଜଳି ଯାଇଥିଲା କ୍ଷଖବର ପ୍ରଚାରିତ ହେବାପରେ ବିଜେଡି ନେତା ମହାଦେବ ଦାସ, ଜୟପ୍ରକାଶ ବେହେରା, କଂଗ୍ରେସ ଜିଲ୍ଲା ସାଧାରଣ ସଂମ୍ପାଦକ ସୁଧାଶୁ ସେଖରଯେନା ଓ ଆର ଆଇ, ଘଟଣାସ୍ଥଳରେ ପହଞ୍ଚିଥିଲେ । ବସ୍ତା ଦମକଳ ବାହିନୀ ପହଞ୍ଚି ବା ବେଳକୁ ସମସ୍ତ ଘର ପୋଡି ଯଳି ଛାରଖାର ହୋଇ ଯାଇଥିଲା ।

# ସ୍ମୃତି ସାନ୍ତ୍ୱନା ପକ୍ଷରୁ ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ



ବାସୁଦେବପୁର, ୧୩/୦୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହିଳା ପତ୍ରିକା ସ୍ମୃତି ସାନ୍ତ୍ୱନା ପକ୍ଷରୁ କବି ସବିତା ରାଣୀ ବେହେରାଙ୍କ ପୁସ୍ତକ ଲୁହର ଆକାଶ ଉନ୍ମୋଚିତ ହୋଇଯାଇଛି । ଏଥି ସହିତ ସ୍ମୃତି ସାନ୍ତ୍ୱନା ର ସମ୍ପାଦିକା କବି ସବିତା ରାଣୀଙ୍କ ସ୍ୱାମୀ ପ୍ରଫେସର ଡ଼କ୍ଟର ରମେଶ ଚନ୍ଦ୍ର ବେହେରା ଓ କନ୍ୟା ସାନ୍ତ୍ୱନା ବେହେରାଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଗାଳ୍ପିକା ଝରଣା ପଟ୍ଟନାୟକ, କବି ଡ଼କ୍ଟର ପ୍ରଭାତ ନଳିନୀ ମହାପାତ୍ର, କବି ଡ଼କ୍ଟର ରାଧାରାଣୀ ମହାପାତ୍ର, କବି ସୁଧାଂଶୁ ଶେଖର ମିଶ୍ର, କବି ସୁଦର୍ଶନ ଅଗସ୍ତି, କବି ଯୋଗ୍ୟଶ୍ରୀ ସାମଲ ପ୍ରମୁଖ ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭା ରେ ଆୟୋଜିତ ହୋଇଥିବା କବିତା ପାଠୋତ୍ସବ ରେ କବି ରଞ୍ଜନ ନାୟକ ଓ ସଞ୍ଜୟ ଜେନା ସଂଯୋଜନା କରିଥିଲେ । ଏହି ଅବସରରେ ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ଓ କବି କୈଳାସ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସବିତା ରାଣୀ ବେହେରା । ଶେଷରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶାର ବାରିପଦାରେ ଭୋଏ ଜିନ୍ସର ପ୍ରଥମ ସୋରୁମ୍

ବାରିପଦା, ୧୧/୨(ଆପ୍ର): ପ୍ରଥମ ଥର ପାଇଁ ଓଡିଶାର ବାରିପଦାରେ ଭୋଏ ଜିନ୍ସର ଲଞ୍ଚିଙ୍ଗ ସେରୀମନୀ ଅନୁଷ୍ଠିତ ହୋଇ ଯାଇଛି । କୃଷ୍ଣ ଚନ୍ଦ୍ର ଗୋଲେଇରୁ ଷ୍ଟେସନ ରୋଡ ଅଭିମୁଖେ ଯାଇଥିବା ରାସ୍ତାର ଜରାଳୀ ସେତୁ ରଦକ୍ଷିଣରେ ଭୋଏ ଜିନ୍ସର ନୂତନ ସୋରୁମକୁ ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଫିତା କାଟି ଉଦ୍ଘାଟନ କରିଛନ୍ତି । ଉଦ୍ଘାଟନୀ ଉତ୍ସବରେ ସୋରୁମର ମାଲିକ ସଂଗ୍ରାମକେଶରୀ ଭଞ୍ଜଦେଓ, ନେସନାଲ ସେଲ୍ସ ମ୍ୟାନେଜର ବିଜୟ କ୍ରିଷ୍ଣ, ଓଡିଶା ଏବଂ ପଶ୍ଚିମବଙ୍ଗର ଏରିଆର ସେଲ୍ସ ମ୍ୟାନେଜର ପ୍ରିୟଦର୍ଶୀ ଏସ ଭୂୟାଁ, ରିଜିଓନାଲ ସେଲ୍ସ ମ୍ୟାନେଜର ଉଦୟ ଝାଙ୍କ ସମେତ ଏସ ସ୍କୋୟାର ମାର୍କେଟିଙ୍ଗ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଉମେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଇଣ୍ଟର ନ୍ୟାସନାଲ ବ୍ରାଣ୍ଡର ଏହି କମ୍ପାନୀର ସୋରୁମ୍ ଓଡିଶାରେ ଅନ୍ୟତ୍ର କୋଉଠି ନଥିବା ବେଳେ ବାରିପଦାରେ ପ୍ରଥମ ଥର ପାଇଁ ଖୋଲିଛି । ବର୍ତ୍ତମାନ ଗୋଟିଏ ଡ୍ରେସରେ ଗୋଟିଏ ମାଗଣା ରହିଥିବା ନେଇ ଭୋଏ ଜିନ୍ସର ଫ୍ରାଞ୍ଚାଇଜ୍ ମାଲିକ ସଂଗ୍ରାମ କେଶରୀ ଭଞ୍ଜଦେଓ କହିଛନ୍ତି । କମ୍ପାନୀର ବ୍ରାଣ୍ଡକୁ ପ୍ରମୋଶନ ସହିତ ନୂଆ ସୋରୁମ୍ ବାବଦରେ ଲୋକଙ୍କୁ ଜଣାଇବାକୁ ବାରିପଦାରେ ରୋଡ ସୋ ସମେତ ମଡେଲ ମାନଙ୍କ ଦ୍ୱାରା ଆକର୍ଷଣୀୟ ଭିଡିଓ ସୁଟିଂ କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo